## ଟ୍ରକ୍ ଧକ୍କାରେ ଦୁଇ ମୃତ



**ତାଳଚେର ସହର, ୧୨।୭(ସମିସ):** ସଡ଼କ ଦୁର୍ଘଟଣାରେ ଦୁଇଜଣ ମୃତ୍ୟୁବରଣ କରିଛନ୍ତି। ତାଳଚେର ଦେଇ ଯାଇଥିବା ଜାତୀୟ ରାଜପଥ ୧୪୯ ର ବଲ୍ହର ଛକ ନିକଟ ନୂଆଁପଡ଼ା ଠାରେ ମୋଟର ସାଇକଲକୁ ଏକ ଆଇରନ ବୋଝେଇ ଟ୍ରକ୍ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ଦୁଇ ମୋଟର ସାଇକଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଅନୁଗୋଳ ସୁସୁଡ଼ା ଗାଁର ଅଲେଖ ସାହୁ ଏବଂ ଖଲାରୀ ଗାଁର ବ୍ରଜକିଶୋର ସାହୁ। ଉଭୟ ରୋଷେୟା କାର୍ଯ୍ୟ କରୁଥିବା ବେଳେ ଆଜି ବଲ୍ହର ଗାଁରେ ଏକ ଘର ପ୍ରତିଷ୍ଠା ଉତ୍ସବରେ ରୋଷେଇ କାର୍ଯ୍ୟ ସାରି ଫେରୁଥିଲେ। ତେବେ ଜାତୀୟ ରାଜପଥ ୧୪୯ ରେ ଯାଉଥିବା ଏକ ଆଇରନ ବୋଝେଇ ଟ୍ରକ ଉଭୟଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଘଟଣାକୁ ନେଇ ଉତ୍ତେଜନା ଦେଖାଦେଇଥିବା ବେଳେ ଦୁର୍ଘଟଣା ଘଟାଇଥିବା ଟ୍ରକର ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଛି। ଘଟଣାସ୍ଥଳରେ ତାଳଚେର ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

# ମାଫିଆଙ୍କ କବ୍‌ଜାରେ ବିଭିନ୍ନ ସରକାରୀ ଓ ଦେବୋତ୍ତର ଜମି

ତାଳଚେର ସଦର, ୧୨।୭(ସମିସ)





ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମରେ ସମସ୍ତ ସରକାରୀ ଜମିରୁ ଜବରଦଖଲ ହଟାଇବାକୁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେବା ପରେ ତାଳଚେର ତହସିଲ ଅଞ୍ଚଳରେ ଥିବା ଜବରଦଖଲକାରୀଙ୍କ ମଧ୍ୟରେ

- **ତାଳଚେର ତହସିଲର କିଛି ଅସାଧୁ କର୍ମଚାରୀଙ୍କୁ ଧରି ମାତିଛନ୍ତି**
- **ତୁରନ୍ତ ଉଦ୍ଧାର କରିବାକୁ ବୁଦ୍ଧିଜୀବୀଙ୍କ ଦାବି**

ଛନକା ପଶିଯାଉଛି। ତାଳଚେର ସହର ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଖୋଦ୍ ଶହ ଶହ ଏକର ସିଲିଂ ଜମି, ଦେବୋତ୍ତର ଜମି, ଗୋଚର ଜମି, ଶ୍ମଶାନ ଜମି ଅତି ଚତୁରତା ସହ ନିଜ ନାମରେ ଜାଲିଆତି କରି ଦଲାଲମାନଙ୍କ ସହାୟତାରେ ହାତେଇ ପଟ୍ଟା କରି ବଡ଼ ବଡ଼ ଅଟାଳିକାମାନ ନିର୍ମାଣ କରି ବେଶ୍ ଭଡ଼ା ସୂତ୍ରରେ ଲଗାଇ ଦୁଇପଇସା ରୋଜଗାର କରୁଥିବା ଦେଖିବାକୁ ମିଳିଛି। ତେବେ ଏହାର ଉଦ୍ଧାର କାର୍ଯ୍ୟ କେବେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି। ସେହିପରି ତାଳଚେର ପୌରାଞ୍ଚଳର ଜଗନ୍ନାଥ ମନ୍ଦିର ୧ ନମ୍ବର ୱାର୍ଡଠାରୁ ଆରମ୍ଭ କରି ୪ ନମ୍ବର ୱାର୍ଡ ସିଂହସାହି, ବେବର୍ତ୍ତାମୁଣ୍ଡା, ବାଇପାସ୍ ଛକ, ଫାଷ୍ଟଗେଟ୍ ଚିତ୍ରକୁଟା ମନ୍ଦିର, ବାଘୁଆବୋଲ, ହାଟତୋଟା, ରେମୁଆଁ, ଶର୍ମାଛକ, ହାଣ୍ଡିଧୂଆଁ ଓ ଗ୍ରାମାଞ୍ଚଳ ପ୍ରଭୃତି ସ୍ଥାନରେ ରହିଥିବା ମୂଲ୍ୟବାନ୍ ସରକାରୀ ଜମି ଆଗରୁ ହାତେଇ ଅଟ୍ଟାଳିକା ନିର୍ମାଣ କରିସାରିବା ପରେ ଏବେ ବିଭିନ୍ନ ଠାକୁର ଓ ଠାକୁରାଣୀଙ୍କ ନାମରେ ଶହଶହ ଏକର ଦେବୋତ୍ତର ଜମିକୁ ହାତେଇ ପଟ୍ଟା କରିଛନ୍ତି। ଏପରିକି, ୧୦ନମ୍ବର ୱାର୍ଡର ରେମୁଁଆ ଗ୍ରାମଦେବୀ କୁଟେଇଶୁଣୀ ଓ କେନ୍ଦୁଆଶୁଣୀ, ଜଗନ୍ନାଥଙ୍କ ନାମରେ ଥିବା ବିଭିନ୍ନ ସ୍ଥାନରେ ରହିଥିବା ଶହ ଶହ ଏକର ଦେବୋତ୍ତର ଜମି, ପୋଖରୀ ଇତ୍ୟାଦିକୁ ମସୁଧା କରି ଦଲାଲମାନେ କେତେକ ଜମିକୁ ହରିଲୁଟ୍ କରି ସାରି ବଡ଼ ବଡ଼ ଅଟ୍ଟାଳିକା ନିର୍ମାଣ କରିବା ସହ ସେଥିରେ ଦୋକାନ ଗୃହ, ମାର୍କେଟ କମ୍ପ୍ଲେକ୍ସ କରି ମୋଟା ଅଙ୍କ ରୋଜଗାର କରୁଛନ୍ତି। ଦଲାଲମାନେ ତାଳଚେର ତହସିଲ କାର୍ଯ୍ୟାଳୟର କିଛି ଅସାଧୁ କର୍ମଚାରୀଙ୍କୁ ଧରି ଉଭୟଙ୍କ ମଧୁଚନ୍ଦ୍ରିକାରେ ଉକ୍ତ ଦେବୋତ୍ତର, ଗୋଚର ଜମି ଏବଂ ସରକାରୀ ଜମିକୁ ଅନାୟାସରେ ଅକ୍ତିଆର କରି ରଖିଛନ୍ତି। ଏହାର ଉଦ୍ଧାର କାର୍ଯ୍ୟ କେବେ ତାଳଚେର ପ୍ରଶାସନ ଗ୍ରହଣ କରୁଛି, ତାହା ଦେଖିବାକୁ ବାକି ରହିଛି।

## କ୍ୟାଟ୍ ଅନୁଗୋଳ ଜିଲ୍ଲା ଶାଖାର ପ୍ରତିଷ୍ଠା ଦିବସ



**ଅନୁଗୋଳ ୧୨।୭(ସମିସ):** କ୍ୟାଟ୍ ଅନୁଗୋଳ ଜିଲ୍ଲା ଶାଖାର ଚତୁର୍ଥ ପ୍ରତିଷ୍ଠା ଦିବସ ଆୟୋଜିତ ହୋଇଯାଇଛି। କ୍ୟାଟ୍ ଅନୁଗୋଳର ଅଧ୍ୟକ୍ଷ ରାଜ୍ କୁମାର ଶୁକ୍ଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, କ୍ୟାଟ ର ଜାତୀୟ ଉପାଧ୍ୟକ୍ଷ ବ୍ରିଜମୋହନ ଅଗ୍ରୱାଲ, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅନୁଗୋଳ ପୌରପାଳିକାର ଅଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, କ୍ୟାଟ ର ଉପଦେଷ୍ଟା ଜିତେନ୍ଦ୍ର ଗୁପ୍ତା ଓ ସୁଦର୍ଶନ ଅଗ୍ରୱାଲ, ସ୍କ୍ରୀନିଂ କମିଟିର ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ ଯୋଗ ଦେଇଥିଲେ। ଏଥିସହ ଅନୁଗୋଳ ଗୋପାଳ ଗୋଶାଳା ଅଧ୍ୟକ୍ଷ ଲଡୁକେଶର ଅଗ୍ରୱାଲ, ମାରୱାଡି ପଞ୍ଚାୟତ ଅଧ୍ୟକ୍ଷ ରଞ୍ଜିତ ମାଣ୍ଡୋଠିଆ ଓ ଅନୁଗୋଳର ବିଭିନ୍ନ ସଂସ୍ଥାର ଅଧ୍ୟକ୍ଷ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କ୍ୟାଟ ର ଜାତୀୟ ଉପାଧ୍ୟକ୍ଷ ବ୍ରିଜମୋହନ ଅଗ୍ରୱାଲ ନୂତନ ସଭାପତି କମଲ ଅଗ୍ରୱାଲଙ୍କୁ ଶପଥ ପାଠ କରାଇଥିଲେ। ଏହା ପରେ ବିଦାୟ ସଭାପତି ରମେଶ ଚନ୍ଦ୍ର ସାହା ନୂତନ ସଭାପତିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହା ପରେ ନୂତନ ସଭାପତି କମଲ ଅଗ୍ରୱାଲ ନବଗଠିତ ଟିମ ର ସମ୍ପାଦକ ଭାବେ ରୋହିତ ଲିହାଲା, କୋଷାଧ୍ୟକ୍ଷ ଅନିଲ ବଂସଲ, ଉପ ସଭାପତି ଆଶିଷ ଅଗ୍ରୱାଲ ଓ କୈଳାସ ଜିନ୍ଦଲ, ସହ ସମ୍ପାଦକ ସୁରଜ ମୋଦି, ସୂଚନା ଲୋକସମ୍ପର୍କ ଅଧିକାରୀ ଜଗନ୍ନାଥ ଅଗ୍ରୱାଲ ସହ ନନ୍ଦୁ ଲାଲ ଅଗ୍ରୱାଲ, ଗୋପଲ ମୁନ୍ଦ୍ରା, ମହେଶ ଅଗ୍ରୱାଲ, ସଂଜୀବ ଜେନ, ସତ୍ୟ ନାରାୟଣ ମାଣ୍ଡୋଠିଆ, ମନୋଜ ଅଗ୍ରୱାଲ, ଶ୍ରୀରାମ ମାଣ୍ଡୋଠିଆ, ଗୌରବ ଅଗ୍ରୱାଲ, ଦୀପକ ମହାନ୍ତି ଓ ଅନ୍ୟାନ୍ୟ ନୂତନ ସଦସ୍ୟ ମାନଙ୍କୁ ଶପଥ ପାଠ କରାଇଥିଲେ।

## ଗଛରୁ ପଡ଼ି ଟ୍ରକ୍ ଚକତଳେ ଜୀବନଗଲା

**ଅନୁଗୋଳ, ୧୨।୭(ସମିସ):** ଗଛ କାଟୁ କାଟୁ ତଳକୁ ଖସିପଡ଼ିଲେ, ଆଉ ମୁଣ୍ଡ ଉପରେ ଚଢ଼ିଗଲା ଟ୍ରକ୍। ଆଜି ୫୫ ନମ୍ବର ଜାତୀୟ ରାଜପଥରେ ଏଭଳି ଏକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଜଣକ ହେଲେ ବଣ୍ଟାଁରପାଳ ଥାନା ଅନ୍ତର୍ଗତ ଗଡ଼ସନ୍ତ୍ରି ଗ୍ରାମ ମନ୍ଦିର ସାହିର ସ୍ୱର୍ଗତ ବିଶ୍ୱଜିତ୍ ସାମଲଙ୍କ ପୁଅ ଆକାଶ ସାମଲ (୨୫)। ଇଡକୋ ତରଫରୁ ୧୧ କେଭି ବିଦ୍ୟୁତ୍ ସଂଯୋଗ ପାଇଁ ଜାତୀୟ ରାଜପଥ କଡ଼ରୁ ଗଛ କାଟିବା ପାଇଁ ଇଡକୋ ଆଦ୍ୟ ଉର୍ଜ୍ଜା ନାମକ ଏକ ଠିକା ସଂସ୍ଥାକୁ କାର୍ଯ୍ୟ ଦିଆଯାଇଥିଲା। କିନ୍ତୁ ସେ ନିଜେ କାର୍ଯ୍ୟ ନ କରି ଦୁଃଖବନ୍ଧୁ ବିଶ୍ୱାଳ ନାମକ ଏକ ସବ ଠିକାଦାରଙ୍କୁ କାର୍ଯ୍ୟଭାର ଦେଇଥିଲେ। ଆଜି ସକାଳ ୧୦.୨୦ ସମୟରେ ଆକାଶଙ୍କ ସହିତ ଅନ୍ୟ ୧୦ ଜଣ ବିଦ୍ୟୁତ ସଂଯୋଗ ପାଇଁ କୁଲାଡ଼ ପେଟ୍ରୋଲ ପମ୍ପ ପାଖରେ ଗଛ କାଟୁଥିଲେ। ନିଜ ଉପରେ ଗଛ ପଡ଼ିଯିବ ବୋଲି ଆକାଶ ପଛକୁ ଘୁଞ୍ଚିବା ବେଳେ ତଳେ ପଡ଼ିଯାଇଥିଲେ। ଏହି ସମୟରେ ଅନୁଗୋଳ ଆଡୁ ଆସୁଥିବା ଏକ ଗ୍ୟାସ୍ ଟ୍ୟାଙ୍କର (ଏନ୍‌ଏଲ୍ ୦୧ ଏଏ ୧୫୨୨) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଆକାଶଙ୍କ ମୃତ୍ୟୁ ହୋଇଛି। ଘଟଣା ପରେ ସ୍ଥାନୀୟ ଲୋକ ରାସ୍ତା ଅବରୋଧ କରିଥିଲେ। ନାଲକୋ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ଘଟଣାର ତଦନ୍ତ ଚଳାଇଛି।

## ମାଉସୀ ମା' ମନ୍ଦିର ପରିସରରେ ଭଜନ ସମାରୋହ



**ଆଠମଲ୍ଲିକ, ୧୨।୭(ସମିସ):** ସ୍ଥାନୀୟ ମାଉସୀ ମା' ମନ୍ଦିର ପରିସରରେ ପବିତ୍ର ହେରା ପଞ୍ଚମୀ ତିଥିରେ ସଲମାନ କ୍ରିଏସନ, ଷ୍ଟେଟ୍ ବ୍ୟାଙ୍କ ଆଠମଲ୍ଲିକ ଶାଖା ଓ ଉପଖଣ୍ଡ ପ୍ରଶାସନର ମିଳିତ ଆନୁକୂଲ୍ୟରେ ଗୁରୁବାର ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରାପ୍ତି ଆଚାର୍ଯ୍ୟ ଭଜନ ସନ୍ଧ୍ୟା ବଲାଙ୍ଗୀର ତରଫରୁ ସୁନାମ ଧନ୍ୟ କଣ୍ଠଶିଳ୍ପୀ ବିଜ୍ଞାସୀ ବାରିକ, ପ୍ରାପ୍ତି ଆଚାର୍ଯ୍ୟ, ଅବନୀକାନ୍ତ ବରର୍ତ୍ତାଙ୍କ ସୁମଧୁର କଣ୍ଠରେ ଗାଇଥିବା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଭଜନ 'ଠାକୁରେ ତୁମକୁ ଦେଖିଲା ପରେ...., ଚିଠି ବାସୁଛି ତୁଳସୀ ତୁଳସୀ...., କାହିଁ କେତେ ଦୂରୁ ମୁଁ ଆସିଛି ଧାଇଁ.... ଓ ବନମାଳିଆ .... ଭଜନରେ ଦର୍ଶକ ବିମୋହିତ ହୋଇଯାଇଥିଲେ। ସଲମାନ କ୍ରିଏସନ ତରଫରୁ ଆୟୋଜିତ ଏହି ଭଜନ ସମାରୋହରେ ମୁଖ୍ୟ ଅତିଥି ଭାବରେ ସରକାରୀ ଜିଲ୍ଲାପାଳ ପ୍ରଭୁ ପୀୟୂଷ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଷ୍ଟେଟ ବ୍ୟାଙ୍କ ଆଠମଲ୍ଲିକ ଶାଖା କ୍ଷେତ୍ର ଅଧିକାରୀ ଯଜ୍ଞସ୍ୱର ସାହୁ, ଆସିଷ୍ଟାଣ୍ଟ ବ୍ୟାଙ୍କ ମ୍ୟାନେଜର ସୁଭିତ ଜ୍ୟୋତି ପ୍ରକାଶ, ବରିଷ୍ଠ ସାମ୍ବାଦିକ ଉଦୀପ୍ତ କୁମାର ପୁରୋହିତ ପ୍ରମୁଖ ଯୋଗଦେଇ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଭଜନ ସନ୍ଧ୍ୟାକୁ ଉଦଘାଟନ କରିଥିଲେ। ସଲମାନ କ୍ରିଏସନ ତରଫରୁ ସଲମାନ ଖାଁ, ଅବିନାଶ ଷଡ଼ଙ୍ଗୀ, ରାମ ପ୍ରସାଦ ତ୍ରିପାଠୀ, ବାଦଲ ବେହେରା, ଶିବୁ ପ୍ରଧାନ, ଲକ୍ଷ୍ମୀ ନାରାୟଣ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ବାଦ୍ୟକାର ଭାବରେ ଆଶୁତୋଷ ବାରିକ, ଅଜିତ ସାହୁ, ସଚିକାନ୍ତ, ତୁଷାର, ସୁନୀଲ, ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ଅଧାପକ ହୃଷୀକେଶ ମହାକୁଡ଼ ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରଥମରେ ଲିଟିଲ ରେଡ ଡ୍ୟାନ୍ସ ସ୍କୁଲର କୁନି କୁନି ଛାତ୍ରଛାତ୍ରୀ ଉଚ୍ଚକୋଟିର ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ କିଣି ନେଇଥିଲେ।

## ପଞ୍ଚଶ୍ରୀକ୍ଷେତ୍ରରେ ହେରାପଞ୍ଚମୀ ପାଳିତ



**ବଣ୍ଟାଁରପାଳ,୧୨।୭(ସମିସ):** ସ୍ଥାନୀୟ ପଞ୍ଚଶ୍ରୀକ୍ଷେତ୍ର ଧାମରେ ଗୁରୁବାର ପବିତ୍ର ହେରାପଞ୍ଚମୀ ପର୍ବ ପାଳିତ ହୋଇଯାଇଛି । ଏହି ଅବସରରେ ଗୁରୁବାର ରାତି ୯ ଟାରେ ଜଗନ୍ନାଥ ମନ୍ଦିରର କର୍ତ୍ତୀ କୁମୁଦିନୀ ବରାହଙ୍କ ସମେତ ବହୁସଂଖ୍ୟକ ଜଗନ୍ନାଥପ୍ରେମୀ ମହିଳା ଏକ ସୁସଜ୍ଜିତ ବିମାନରେ ମା' ଲକ୍ଷ୍ମୀଙ୍କୁ ବିରାଜମାନ କରି ଏକ ବିରାଟ ଶୋଭାଯାତ୍ରାରେ ରତ୍ନବେଦୀରୁ ବାହାରି ମାଉସୀ ମା' ମନ୍ଦିରରେ ପହଞ୍ଚିଥିଲେ । ସେଠାରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ସେଠାରୁ ଫେରିବା ସମୟରେ ରଥଯାତ୍ରା ଦିନ ତାଙ୍କୁ ମାଉସୀ ମା' ମନ୍ଦିର ନନେଇ କେବଳ ତିନି ଭାଇଭଉଣୀ ଯାଇଥିବାରୁ କୋପବଶତଃ ଜଗନ୍ନାଥଙ୍କ ନନ୍ଦିଘୋଷ ରଥରେ ବ୍ୟବହୃତ କାଠର କିଛି ଅଂଶ ଭାଙ୍ଗି ଆଣିଥିଲେ । ତେବେ ପର ମୁହୂର୍ତ୍ତରେ ମା' ଲକ୍ଷ୍ମୀ ନିଜର ଭୁଲ ବୁଝିପାରି ଲଜ୍ଜାବଶତଃ ବିନା କୋଳାହଳରେ ନିସ୍ତବ୍ଧରେ ଶ୍ରୀମନ୍ଦିରକୁ ଫେରିଯାଇଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଭକ୍ତ ଉପସ୍ଥିତ ଥିଲେ ।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ତାଳଚେର ସହର, ୧୨।୭(ସମିସ):** ତାଳଚେର ଡେରା ଛକଠାରେ ସଡ଼କ ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ଡେରା କଲୋନୀ ନିବାସୀ ଉତ୍ତମ ସାହା (୩୭)। ସେ ନିକଟସ୍ଥ ଏକ ଘରୋଇ ନର୍ସିଂହୋମରେ କାମ କରୁଥିଲେ। ନିଜ ପୁଅ, ଝିଅଙ୍କୁ ସ୍କୁଲରେ ଛାଡ଼ି ନର୍ସିଂହୋମକୁ ଯାଉଥିବା ବେଳେ ଡେରା ଛକ ନିକଟରେ ବାଲିବୋଝେଇ ଟ୍ରକ୍ ସହ ଧକ୍କା ହେବା ଫଳରେ ଉତ୍ତମ ଘଟଣାସ୍ଥଳରେ ପଡ଼ି ଯାଇଥିଲେ। ସେଠାରୁ ସ୍ଥାନୀୟ ଲୋକେ ତାଙ୍କୁ ନିକଟସ୍ଥ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଉପଖଣ୍ଡ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ପାଇଁ ପରିବାର ଲୋକ ନେଇଥିଲେ।

## ଜିଲ୍ଲାସ୍ତରୀୟ ଶିଶୁଙ୍କ ଓଜନ ଓ ଉଚ୍ଚତା ନିରୀକ୍ଷଣ ତାଲିମ



**ଅନୁଗୋଳ, ୧୨।୭(ସମିସ):** ଅନୁଗୋଳ ଜିଲ୍ଲାରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଓ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ମିଶନ ଶକ୍ତି ଓ ୟୁନିସେଫ୍ ସହାୟତାରେ ଦୁଇଦିନ ଧରି ଜିଲ୍ଲାର ସମସ୍ତ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ମହିଳା ସୁପରଭାଇଜର, ମମତା କାର୍ଯ୍ୟକ୍ରମ ସହାୟକ, ମିଶନ ଶକ୍ତିର ପ୍ରକଳ୍ପସ୍ତରୀୟ ସଂଯୋଜକ, ପ୍ରକଳ୍ପସ୍ତରୀୟ ପୋଷଣ ସଂଯୋଜକମାନଙ୍କୁ ନେଇ ସମସ୍ତଙ୍କୁ ଦୁଇଟି ଦଳରେ ବିଭକ୍ତ କରି ଶିଶୁଙ୍କ ଓଜନ ଓ ଉଚ୍ଚତା ନିରୀକ୍ଷଣସମ୍ପର୍କରେ ତାଲିମ ଅନୁଗୋଳ ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ମୁଖ୍ୟ ଅତିଥି ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିରୂପମା ପାଣି ଅତିଥି ଭାବେ ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଉକ୍ତ ତାଲିମ କାର୍ଯ୍ୟକ୍ରମରେ ରାଜ୍ୟସ୍ତରରୁ ମଞ୍ଜୁଲତା ନାୟକ, ତୋଷିବା ଚୌରାସିଆ, ସୁଦୀପ୍ତ ପ୍ରଧାନ ପ୍ରମୁଖ ସମ୍ବଳ ବ୍ୟକ୍ତି ଭାବେ ଯୋଗଦାନ କରି ତାଲିମ ପ୍ରଦାନ କରିଥିଲେ। ଜିଲ୍ଲାସ୍ତରୀୟ ତାଲିମ ପରେ ଜିଲ୍ଲାର ସମସ୍ତ ୧୬୮୫ ଟି ଅଙ୍ଗନବାଡ଼ି କେନ୍ଦ୍ରରେ କାର୍ଯ୍ୟରତ କର୍ମୀଙ୍କୁ ଉପରୋକ୍ତ ବିଷୟରେ ତାଲିମ ପ୍ରଦାନ କରି ଶିଶୁଙ୍କ ଓଜନ ଓ ଉଚ୍ଚତା ନିରୀକ୍ଷଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ଏହି ତାଲିମ ଦ୍ୱାରା ଅଙ୍ଗନବାଡ଼ି କର୍ମୀ ମାନଙ୍କର କାର୍ଯ୍ୟ ଶୈଳୀରେ ଉନ୍ନତି ଆସିବା ସହିତ ଜିଲ୍ଲାର ସମସ୍ତ ଶିଶୁମାନଙ୍କର ସ୍ୱାସ୍ଥ୍ୟ ଓ ପୋଷଣ ସଠିକ ଭାବେ ଯାଞ୍ଚ ହୋଇପାରିବ ବୋଲି ଅତିରିକ୍ତ ଜିଲ୍ଲାପାଳ ମତ ପ୍ରକାଶ କରିଛନ୍ତି। ତୃଣମୂଳ ସ୍ତରରେ ଅଙ୍ଗନବାଡ଼ି କର୍ମୀଙ୍କ ଦକ୍ଷତା ବୃଦ୍ଧି କରାଇ ଶିଶୁମାନଙ୍କ ବିକାଶ ଧାରାରେ ସୁଧାର ଆଣିବା ଓ ଅତିଶୟ ପୁଷ୍ଟିହୀନ ଶିଶୁମାନଙ୍କୁ ଚିହ୍ନଟ କରି ଗୋଷ୍ଠୀସ୍ତରୀୟ ଅପପୁଷ୍ଟି ପରିଚାଳନା ପ୍ରକ୍ରିୟା କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ଏହି ତାଲିମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମତ ପୋଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବାଲ୍ୟବିବାହ ନିଷେଧ ସଂଯୋଜକ ସନ୍ତୋଷ କୁମାର ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ପୋଷଣ ସଂଯୋଜକ ବିଦ୍ୟାଧର ପ୍ରଧାନ ଓ ଜିଲ୍ଲା ମମତା ସଂଯୋଜକ ତାପସ ପାଣି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସହଯୋଗ ପ୍ରଦାନ କରିଥିଲେ।

## ପୁରୁଣାକୋଟ ଗୋପାଳପୁର ଗାଁରେ ବିସ୍ଥାପନକୁ ନେଇ ପଲ୍ଲୀସଭା

ଜଗନ୍ନାଥପୁର, ୧୨।୭(ସମିସ)



ସାତକୋଶିଆ ଅଭୟାରଣ୍ୟ ଅନ୍ତର୍ଗତ ପୁରୁଣାକୋଟ ପଞ୍ଚାୟତର ଗୋପାଳପୁର ଗ୍ରାମରେ ବନ ବିଭାଗ ତରଫରୁ

- **ସ୍ଥିତିବାନ ଜମି ଥିବା ଲୋକ ବିସ୍ଥାପନ ହେବାକୁ ଅମଙ୍ଗ**

ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଅନ୍ତର୍ଭୁକ୍ତ ସ୍ଥାନୀୟ ବାସିନ୍ଦାଙ୍କ ବିସ୍ଥାପନକୁ ନେଇ ଏକ ପଲ୍ଲୀସଭା ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଏବଂ ନୟାଗଡ଼ ଜିଲ୍ଲା ଅନ୍ତର୍ଭୁକ୍ତ ସତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଯୋଜନା ଅନ୍ତର୍ଭୁକ୍ତ ଅଭୟରଣ୍ୟ ଭିତରୁ ବିଭିନ୍ନ ଗ୍ରାମ କୁ ବିସ୍ଥାପନ ପ୍ରକ୍ରିୟା ଚାଲୁରହିଛି। ଏହି ପ୍ରକ୍ରିୟାରେ ପୂର୍ବରୁ ରାଇଗୁଡ଼ା, ଟୁଲୁକା, ଅସନବାହାଳୀ, କଟରଙ୍ଗ ଇତ୍ୟାଦି ଗ୍ରାମ ଗୁଡିକ ବିସ୍ଥାପନ ହୋଇସାରିଲାଣି। ଅତି ନିକଟରେ ଭୁରଖୁଣ୍ଡି ଗାଁ ମଧ୍ୟ ବିସ୍ଥାପନ ହୋଇଯିବ। ଏହି ପ୍ରକ୍ରିୟାରେ ପୁରୁଣାକୋଟ ପଞ୍ଚାୟତର ଗୋପାଳପୁର ଗ୍ରାମରେ ଏକ ପଲ୍ଲୀ ସଭା ଅନୁଷ୍ଠିତ ହୋଇଯାଇଛି.। ଏଥିରେ ସାତକୋଶିଆ ଅଭୟରଣ୍ୟର ଡିଏଫ ଓ, ଅନୁଗୋଳ ତହସିଲଦାର, ଅନୁଗୋଳ ବିଡିଓ, ସ୍ଥାନୀୟ ସରପଞ୍ଚ, ଗ୍ରାମସେବକ ଓ ୨୦୦ ରୁ ଉର୍ଦ୍ଧ୍ୱ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ। ପୂର୍ବରୁ ସ୍ଥାନୀୟ କିଛି ବାସିନ୍ଦାଙ୍କ ଦରଖାସ୍ତ ଯୋଗୁ ଏହି ପଲ୍ଲୀସଭା ଅନୁଷ୍ଠିତ ହୋଇଥିଲା। ସରକାରଙ୍କ ବନ ବିଭାଗର ବିସ୍ଥାପନ ଅନୁସାରେ ବିଭିନ୍ନ ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଯାଇଥିଲା। ସ୍ଥାନୀୟ ଅଧିବାସୀଙ୍କ କହିବା ଅନୁସାରେ ପ୍ରାୟତଃ ଯେଉଁମାନଙ୍କର ସ୍ଥିତିବାନ ଜମି ନାହିଁ, ସେହି ଲୋକମାନେ ଏଠାରୁ ବିସ୍ଥାପନ ହେବାକୁ ସମ୍ମତି ପ୍ରଦାନ କରିଥିବା ବେଳେ ସ୍ଥିତିବାନ ଜମି ଥିବା ଅଧିବାସୀମାନେ ବିସ୍ଥାପନ ହେବାକୁ ଅମଙ୍ଗ ଅଛନ୍ତି। ଏହା ଏକ ସ୍ୱେଚ୍ଛାକୃତ ବିସ୍ଥାପନ ପ୍ରକ୍ରିୟା ବୋଲି ଏଠାରେ ଉପସ୍ଥିତ ଥିବା ସରକାରୀ ଅଧିକାରୀମାନେ ସ୍ଥାନୀୟ ଲୋକଙ୍କୁ ବୁଝାଇଥିଲେ। ଆଉ କିଛି ଲୋକଙ୍କ କହିବା ଅନୁସାରେ, ସ୍ଥିତିବାନ ଜମି ଥିବା କିଛି ଲୋକଙ୍କୁ ଏଠାକୁ ଡକାଯାଇ ନଥିଲା।

## ଅନୁଗୋଳ ଡିଏଭି ପବ୍ଲିକ ସ୍କୁଲରେ ବନ ମହୋତ୍ସବ



**ଅନୁଗୋଳ ୧୨।୭(ସମିସ):** ଅନୁଗୋଳ ଡିଏଭି ପବ୍ଲିକ ସ୍କୁଲରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଏସ.ଏସ. ଖୋରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟିତ କରିଥିଲେ। ସ୍ୱତନ୍ତ୍ର ଅତିଥି ଡିଏଭିର ଆଞ୍ଚଳିକ ନିର୍ଦ୍ଦେଶକ, ଓଡ଼ିଶା, ଡ଼. କେଶବ ଚନ୍ଦ୍ର ଶତପଥି ଯୋଗଦେଇ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ବୃକ୍ଷରୋପଣର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସହାୟକ ଆଞ୍ଚଳିକ ଅଧିକାରୀ ସୁରେନ୍ଦ୍ର କୁମାର ଭୋଇ ଯୋଗ ଦେଇଥିଲେ। ଡିଏଭି ଜଗନ୍ନାଥ ଅଧ୍ୟକ୍ଷା ଶ୍ରୀମତୀ ଶୁକ୍ଲା ଚକ୍ରବର୍ତ୍ତୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନନ୍ତ ଡିଏଭି ଅଧ୍ୟକ୍ଷା ଜ୍ୟୋତି ମିଶ୍ର, ତାଳଚେର ଥର୍ମାଲ ଡିଏଭି ଅଧ୍ୟକ୍ଷ ଶୁଭେନ୍ଦୁ ବୋଷ, ସାବିତ୍ରୀ ଜିନ୍ଦଲ ଡିଏଭି ଅଧ୍ୟକ୍ଷ ଫକୀର ମୋହନ ସାହୁ, ଲିଙ୍ଗରାଜ ଡିଏଭି ସଂଯୁକ୍ତା ପୃଷ୍ଟି ଅଧ୍ୟକ୍ଷା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ପରିଶେଷରେ ବିଦ୍ୟାଳୟ ର ଅଧ୍ୟକ୍ଷ ମାନସ ରଞ୍ଜନ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଷଷ୍ଠ ଓ ସପ୍ତମ ଶ୍ରେଣୀରେ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପର୍ଯ୍ୟାପ୍ତ ଭିତ୍ତିଭୂମି ସତ୍ତ୍ୱେ

# କପିଳାସ ପ୍ରାଣୀ ଉଦ୍ୟାନକୁ ମିଳୁନି ଚିଡ଼ିଆଖାନାର ମାନ୍ୟତା

- ୪୫ ବର୍ଷ ପରେ ବି ବଢୁନି ଜୀବଜନ୍ତୁଙ୍କ ସଂଖ୍ୟା
- ଚିତାବାଘ, କଳାବଗ, ପଶୁପକ୍ଷୀ ଆଣିବାକୁ ଉଦ୍ୟମ

**ଢେଙ୍କାନାଳ/ଗଁଦିଆ, ୧୨।୭ (ସମିସ) :** ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ କପିଳାସ ପ୍ରାଣୀ ଉଦ୍ୟାନକୁ ଚିଡ଼ିଆଖାନାର ମାନ୍ୟତା ବର୍ତ୍ତମାନ ସୁଦ୍ଧା ମିଳିପାରିନାହିଁ। ଦୀର୍ଘ ୪୫ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରାକୃତିକ ପରିବେଶରେ ପରିପୂର୍ଣ୍ଣ ରହିଥିବା ଚିଡିଆଖାନାରେ ଜୀବଜନ୍ତୁଙ୍କ ସଂଖ୍ୟା ବୃଦ୍ଧିପାଇବା ତ ଦୂରର କଥା, ନୂତନ ଜୀବଜନ୍ତୁଙ୍କୁ ଏଠାକୁ ଆଣି ଚିଡ଼ିଆଖାନାର କଳେବର ବୃଦ୍ଧିକରିବା ଦିଗରେ ଉତ୍ପରତା ପ୍ରକାଶ ପାଉନାହିଁ।

ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜିଉ ପୀଠ କପିଳାସର ପାଦ ଦେଶରେ ରହିଛି ମୃଗ ବିହାର। ଏହି ମୃଗ ବିହାର ବା କପିଳାସ ଚିଡ଼ିଆଖାନା ଏକ କ୍ଷୁଦ୍ର ଚିଡ଼ିଆଖାନା ଭାବରେ ପରିଚିତ। ଗତ ୧୯୭୯ ମସିହା ଜାନୁଆରୀ ୨୬ ତାରିଖରେ ପ୍ରାୟ ୨୬.୬୪ ହେକ୍ଟର ଜମିରେ ଏହି ମୃଗ ବିହାର ବା ଚିଡ଼ିଆଖାନା ଆରମ୍ଭ ହୋଇଥିଲା। ଦେବୋତ୍ତର ବିଭାଗର ୧୩.୩୪ ହେକ୍ଟର ଏବଂ ୱାଇଲ୍ଡ ଲାଇଫ ସାନକ୍ୟୁରୀର ୧୧.୩୦ ହେକ୍ଟର ଜମିରେ ଚିଡ଼ିଆଖାନା ରହିଛି। ଏହି ଚିଡ଼ିଆଖାନାକୁ ୧୯୮୬ ମସିହା ଏପ୍ରିଲ ୧ ତାରିଖରେ ସେଣ୍ଟ୍ରାଲ ଜୁ ଅଥରିଟି ଅଫ ଇଣ୍ଡିଆ ଜୁ'ର ମାନ୍ୟତା ପ୍ରଦାନ କରିଥିଲା। ଏହି ଚିଡ଼ିଆଖାନାରେ ଅଡିଓ ଭିଜୁଆଲ ସହିତ ବୋଟିଂ, ରେଷ୍ଟ ସେଡ୍, ଚିଲଡ୍ରେନ ପାର୍କ ସହିତ ବିଶାଳ ମୃଗ ବିହାର ରହିଛି। ଏହି ଚିଡ଼ିଆଖାନାରେ ବାଦୁଡ଼ି, ବଣବିଲେଇ, ଭାଲୁ ୧ଟି, ଗାଡ଼ଭାଲୁ, ବିଲୁଆ, ଶୃଗାଳ, ହରିଣ ୧୪୦ଟି, ସମ୍ବର ୯ଟି, ଅଜଗର ସାପ ୪ଟି, ଅହିରାଜ ୧ଟି, ଠେକୁଆ ୨୭ଟି, କଇଁଚ ୩ଟି, ଝିଙ୍କ, ବଣ ମଇଁଷି, କୁମ୍ଭିର ୬ଟି, ଏମୁ ପକ୍ଷୀ ୧ଟି, ପାରୁ କିଟକ ୨୨ଟି, ନାହାକା ସୁଆ ୫୦ଟି, ମୟୂର ୬ଟି, ପେଚା ୭ ଟଇ, ଚିଲ ୩ଟି, ବଦିରୀ ପକ୍ଷୀ ୬୦ଟି, ସାପ ସହିତ ଅନ୍ୟାନ୍ୟ ଜୀବଜନ୍ତୁ ରହିଛନ୍ତି। ଚିଡ଼ିଆଖାନାର ଦେଖାଶୁଣା କରିବା ପାଇଁ ୩୮ଜଣ କର୍ମଚାରୀ ରହିଥିବା ବେଳେ ଖାଦ୍ୟ ଯୋଗାଇବା ପାଇଁ ୧୦ଜଣ, ହାତୀ ସୁରକ୍ଷା ପାଇଁ ୪ଜଣ ଏବଂ ବୋଟିଂ ଗାର୍ଡ ଭାବରେ ୩ ଜଣ ଏଠାରେ କାର୍ଯ୍ୟ କରୁଛନ୍ତି। ଏଠାରେ ବନ ବିଭାଗର ହାତୀ ଉଦ୍ଧାର କେନ୍ଦ୍ର ରହିଛି। ଫଳରେ ବିଭିନ୍ନ ସ୍ଥାନରକୁ ହାତୀମାନଙ୍କୁ ଉଦ୍ଧାର କରାଯାଇ ଏଠାରେ ରଖାଯିବା ସହିତ ଚିକିତ୍ସା କରାଯାଉଛି। ହାତୀଛୁଆ ମା'ଙ୍କୁ ଦେଖିବା ପାଇଁ ଦର୍ଶକମାନେ ଭିଡ଼ ଜମାଇଥାନ୍ତି। ବର୍ତ୍ତମାନ ରାକେଶ ସହିତ ୩ଟି ହାତୀ ଛୁଆ ଏଠାରେ ରହିଛନ୍ତି। ପ୍ରତି ବର୍ଷ ୧ ଲକ୍ଷରୁ ଅଧିକ ପର୍ଯ୍ୟଟକ ଏଠାକୁ ଆସୁଥିବା ବେଳେ ନିକଟରେ ଥିବା ସାଇନ୍ସ ପାର୍କ ମଧ୍ୟ ପରିଦର୍ଶନ କରିଥାନ୍ତି। ପ୍ରତ୍ୟେକ ବର୍ଷ ବିଦେଶୀ ପର୍ଯ୍ୟଟକମାନେ ଏଠାକୁ ଆସିଥାନ୍ତି। ବର୍ଷ ବର୍ଷ ପର୍ଯ୍ୟଟକମାନଙ୍କ ସଂଖ୍ୟା ବୃଦ୍ଧି ପାଇବା ସହିତ ଆୟ ମଧ୍ୟ ବୃଦ୍ଧି ପାଉଛି। କିନ୍ତୁ ଚିଡ଼ିଆଖାନାକୁ ପୂର୍ଣ୍ଣମାନ୍ୟତା ଦେବା କିମ୍ବା ନୂତନ ଜୀବଜନ୍ତୁ ଆଣିବାକୁ ନେଇ କୌଣସି ତତ୍ପରତା ନାହିଁ। ଚିଡ଼ିଆଖାନା ପାଇଁ ବାରମ୍ବାର ଆକ୍ସନ ପ୍ଲାନ ସେଣ୍ଟ୍ରାଲ ଜୁ ଅଥରିଟିକୁ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ସରକାରଙ୍କ ପଶୁ ସ୍ଥାନାନ୍ତର ଯୋଜନା ଅନୁସାରେ ଏଠାକୁ ଝିଙ୍କ ସହିତ ଚିତାବାଘ, କଳାବଗ ସହିତ ଅନ୍ୟାନ୍ୟ ଜୀବଜନ୍ତୁ ଅଣାଗଲେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଦେବା ସହିତ ଅଧିକ ଆକୃଷ୍ଟ ହୋଇପାରିବ ବୋଲି ଆଲୋଚନା ହେଉଛି। ପୂର୍ଣ୍ଣ ଚିଡ଼ିଆଖାନା ପାଇଁ ଭିତ୍ତିଭୂମି ପର୍ଯ୍ୟାପ୍ତ ପରିମାଣର ରହିଛି ବୋଲି ବନଖଣ୍ଡ ଅଧିକାରୀ ସୁମିତ କୁମାର କର ପ୍ରକାଶ କରିଛନ୍ତି। କପିଳାସ ଚିଡ଼ିଆଖାନାକୁ ଲାଗି କପିଳାସ ଜଙ୍ଗଲକୁ ଗତ ୨୦୧୧ ମସିହା ଏପ୍ରିଲ ୨ ତାରିଖରେ ଅଭୟାରଣ୍ୟ ଭାବରେ ଘୋଷଣା କରାଯାଇଥିଲା। ପ୍ରାୟ ୧୨୫.୫ ବର୍ଗ କିଲୋମିଟରରେ ପରିବ୍ୟାପ୍ତ ଅଞ୍ଚଳକୁ ନେଇ ଗଠିତ ହୋଇ କପିଳାସ ଅଭୟାରଣ୍ୟ ରହିଛି। ଜୀବଜନ୍ତୁରେ ପୂର୍ଣ୍ଣ କପିଳାସକୁ ଇକୋ ସେନସିଟିଭ ଜୋନ ଭାବରେ ଘୋଷଣା କରାଯାଇଛି। ଗତ ୨୦୧୪ ମସିହା ଏପ୍ରିଲ ୪ ତାରିଖରେ ଭାରତର ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଏହି ଘୋଷଣା କରାଯାଇଥିବା ବେଳେ ଏହାର ପରିସରକୁ ୩୯୩.୮୭ ବର୍ଗ କିଲୋମିଟରକୁ ବୃଦ୍ଧି କରିଛନ୍ତି। ଏହି ଜୋନ ୫ଶହ ମିଟରରୁ ୧୩.୧୫ କିଲୋମିଟର ପର୍ଯ୍ୟନ୍ତ ବଳବତ୍ତର ରହିବ। ଓଡ଼ିଶା ସରକାରଙ୍କ ତରଫରୁ ୨୦୧୬ ମସିହାରେ ଏହାକୁ ଟୁରିଷ୍ଟ ହବ୍ ଭାବରେ ଘୋଷଣା କରାଯାଇଛି। ସମସ୍ତ ଭିତ୍ତିଭୂମି ଥାଇ ମଧ୍ୟ କପିଳାସ ଚିଡ଼ିଆଖାନାକୁ ପୂର୍ଣ୍ଣ ଚିଡ଼ିଆଖାନାର ମାନ୍ୟତା କେବେ ମିଳିବ ବୋଲି ଏଠାରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ କୁହନ୍ତି ଯେ, ସେଣ୍ଟ୍ରାଲ ଜୁ ଅଥରିଟି ରେଗୁଲେସନ ନିକଟକୁ ଅତିତରେ ଏକ ମାଷ୍ଟର ପ୍ଲାନ୍ ପଠାଯାଇଥିଲା। ଏହା ପୁରୁଣା ହୋଇଯାଇଥିବାରୁ ଖୁବଶୀଘ୍ର ଏକ ନୂତନ ମାଷ୍ଟର ପ୍ଲାନ୍ ପଠାଇଲେ, ଏହା କାର୍ଯ୍ୟକାରୀ ହେବାରେ ସହାୟକ ହେବ। ଏହି ଚିଡ଼ିଆଖାନାକୁ ନୂତନ ପଶୁପକ୍ଷୀ ଆସିବା ନିମନ୍ତେ ପ୍ରାୟ ୪୦ ଲକ୍ଷ ଟଙ୍କା ବ୍ୟୟରେ ୫ଟି ଗୃହ ନିର୍ମାଣ କରାଯାଇଥିବା ଜଣାପଡ଼ିଛି।







## ଯୋରନ୍ଧା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପ୍ରସ୍ତୁତି ବୈଠକ



**ଯୋରନ୍ଧା, ୧୨।୭ (ସମିସ):** ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକ ସ୍ଥିତ ଯୋରନ୍ଧା ଉଚ୍ଚ ବିଦ୍ୟାଳୟର ୬୯ ତମ ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତନୁଶ୍ରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୁରାତନ ଛାତ୍ର ସଂସଦ ସଭାନେତ୍ରୀ ମନୋଜ ମଞ୍ଜରୀ ଲେଙ୍କା, ସମ୍ପାଦିକା ନିହାରବାଳା ରାଉତ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ରାଉତ, ସଭ୍ୟ ଆନନ୍ଦ ଚନ୍ଦ୍ର ମହାନ୍ତି, ରଞ୍ଜନ କୁମାର ନାୟକ, ହିମାଂଶୁ ଭୂଷଣ ନାୟକ, ଆଲୋକ ରଞ୍ଜନ ରାଉତ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଆସନ୍ତା ୨୫ ତାରିଖ ଦିନ ବିଦ୍ୟାଳୟ ପରିସରରେ ଏହି ଉତ୍ସବ ପାଳିତ ହେବ। ଏହିଦିନ ମୋ ସ୍କୁଲ ଓ ପୁରାତନ ଛାତ୍ର ସଂଘ ଆର୍ଥିକ ସହାୟତାରେ ନିର୍ମିତ ସମୂହ ପ୍ରାର୍ଥନା ଗୃହକୁ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ ହେବ। ଏହି ଅବସରରେ ପୁରାତନ ଛାତ୍ର ସଂସଦ ଆୟୋଜନରେ ଅନୁଷ୍ଠିତ ବିଦ୍ୟାଳୟ ସ୍ତରୀୟ ପ୍ରତିଭା ଚୟନ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ ଓ କମିଟି ସଭ୍ୟ ସଭ୍ୟା ଯୋଗଦେବା ପାଇଁ ଓ ସହାୟତା କରିବା ପାଇଁ ସଂଘ ପକ୍ଷରୁ ନିବେଦନ କରାଯାଇଛି।

## ୧୫ କେଜି ଗଞ୍ଜେଇ ଜବତ; ମହିଳା ଗିରଫ

**ଭୁବନ,୧୨।୭ (ସମିସ) :** ଭୁବନ ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ବେଆଇନ ଦେଶୀ, ବିଦେଶୀ ମଦ ଜବତ କରାଯାଇଥିବା ବେଳେ ଦେଢ଼ କିଲୋ ଗଞ୍ଜେଇ ଜବତ କରାଯାଇଥିବା ଜଣାପଡ଼ିଛି। ଭୁବନ ଥାନା ଅନ୍ତର୍ଗତ ଚଣ୍ଡିପାଳ ଗ୍ରାମରେ ଚଢ଼ଉ କରାଯାଇ ଗ୍ରାମ କୋଠଘର ନିକଟରୁ ଶଙ୍କର ମଲ୍ଲିକଙ୍କ ପତ୍ନୀ ତୁଳସୀ ମଲ୍ଲିକଙ୍କ ନିକଟରୁ ଏକ ବ୍ୟାଗ ଭର୍ତ୍ତି ୧.୫କେଜି ଗଞ୍ଜେଇ ଜବତ କରାଯାଇ ତୁଳସୀଙ୍କୁ ଗିରଫ କରାଯାଇଛି। ଭୁବନ ଅବକାରୀ ଅଧିକାରୀ ସୌରଭ ମିଶ୍ର ଓ କାମାକ୍ଷାନଗର ଅବକାରୀ ଇନ୍ସପେକ୍ଟର ପ୍ରକାଶ ସାହୁଙ୍କ ସମେତ କନଷ୍ଟେବଳ ଗୋଲାପ ସାହୁ, ପ୍ରେମାନନ୍ଦ ବେହେରା, ପ୍ରଫୁଲ୍ଲ କୁମାର ସାମଲ, ହରିହର ସୋରେନ, ଆଲୋକ ଜେନା, ସତ୍ୟବ୍ରତ ମହାଳିକ ପ୍ରମୁଖ ଏହି ଚଢ଼ଉରେ ସାମିଲ ଥିଲେ।



## ଆଡ଼ପ ମଣ୍ଡପରେ ହେରାପଞ୍ଚମୀ ନୀତି ପାଳିତ

**ଢେଙ୍କାନାଳ, ୧୨।୭ (ସମିସ) :** ସ୍ଥାନୀୟ ବାଜିଚୌକ ଆଡ଼ପ ମଣ୍ଡପରେ ହେରା ପଞ୍ଚମୀ ନୀତି ପାଳିତ ହୋଇଯାଇଛି। ରାତ୍ର ଧୂପ ପରେ ଘଣ୍ଟ, କାହାଳୀ, ଛତ୍ରୀ ଧରି ମହାଲକ୍ଷ୍ମୀ ବିମାନରେ ସିଦ୍ଧ ବଳରାମ ମନ୍ଦିରରୁ ବାହାରି ଆଡ଼ପ ମଣ୍ଡପକୁ ବିଜେ କରିଥିଲେ। ସେଠାର ମଙ୍ଗଳା ଅର୍ପଣ କରାଯାଇଥିଲା। ବିଭିନ୍ନ ପ୍ରକାରର ନୀତି ପାଳିତ ହେବାପରେ କଳି ବହି ପାଠ କରାଯାଇଥିଲା। ଜଗନ୍ନାଥଙ୍କ ଆଜ୍ଞାମାଳ ପାଇ ନନ୍ଦିଘୋଷ ରଥ ପାଖରେ ପହଞ୍ଚି ରଥ ଭାଙ୍ଗିଥିଲେ। ପୂଜକ ମନସୁମନ ମିଶ୍ର, ମଳୟ କର ଶିବସ୍ମ ମିଶ୍ର, ପାଳିଆ ସେବକ ଶମ୍ଭୁ ନାଥ ମହାପାତ୍ର, ବାବାଜୀ ମହାପାତ୍ର, ବ୍ରଜମୋହନ ମହାପାତ୍ର କାହାଳିଆ ଟିକନ୍ ବେହେରା, ଉପଜିଲ୍ଲାପାଳ ସପନ କୁମାର ନନ୍ଦ, ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ, ମନ୍ଦିରର ଜିମାଦାର ଶ୍ୟାମ ସୁନ୍ଦର ପାଣିଗ୍ରାହିଙ୍କ ଉପସ୍ଥିତି ହେରାପଞ୍ଚମୀ ଉତ୍ସବ ପାଳନ ହୋଇଯାଇଛି।

## ଦୁର୍ଘଟଣାରେ ଡ୍ରାଇଭର ଗୁରୁତର

**କାମାକ୍ଷାନଗର,୧୨।୭ (ସମିସ) :** କାମାକ୍ଷାନଗର ଥାନା ଅନ୍ତର୍ଗତ ୫୩ ନଂ ଜାତୀୟ ରାଜପଥର ଆଲତୁମା ଗ୍ରାମ ନିକଟସ୍ଥ ଧର୍ମଶାଳା ଛକ ନିକଟରେ ଏକ ଟ୍ରକ୍ ଓ ଟାଟା ଏସି ମଧ୍ୟରେ ମୁହାଁମୁହିଁ ଦୁର୍ଘଟଣା ଘଟିବା ଫଳରେ ଚାଳକ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଟାଟା ଏସି ଗାଡ଼ିଟି ଚୁରମାର ହୋଇଯାଇଥିବା ବେଳେ ଡ୍ରାଇଭର ଗୁରୁତର ଆହତ ହୋଇଛି। ଦେବଗଡ଼ ଜିଲ୍ଲା କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ଘୋଡ଼ାପଙ୍ଖା ଗ୍ରାମର ଚାଳକ ଗଣେଶ୍ୱର ମାଝୀ ବୋଲି ଜଣାପଡ଼ିଛି। ଟାଟା ଏସିଟି ଯାଜପୁର ଜିଲ୍ଲା ସୁକିନ୍ଦାରୁ କଣିହାଁ ଯାଉଥିବା ବେଳେ ଧର୍ମଶାଳା ନିକଟରେ ତାଳଚେର ପଟୁ ଯାଜପୁର ଯାଉଥିବା ଏକ ଦଶଚକିଆ ଟ୍ରକକୁ ସମ୍ମୁଖରୁ ପିଟିଥିଲା। ଗୁରୁତର ଟାଟା ଏସି ଡ୍ରାଇଭରକୁ ସ୍ଥାନୀୟ ବାସିନ୍ଦା କାମାକ୍ଷାନଗର ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ତାଙ୍କ ହାତ ଓ ଗୋଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି। ସେଠାରୁ ତାଙ୍କୁ କଟକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ବିଦ୍ୟାଳୟସ୍ତରୀୟ ବନ ମହୋତ୍ସବ

**କାମାକ୍ଷାନଗର,୧୨।୭ (ସମିସ) :** କାମାକ୍ଷାନଗର ଏନଏସି ସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ବିଦ୍ୟାଳୟସ୍ତରୀୟ ବନମହୋତ୍ସବ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶକ୍ତି କ୍ଲବ ଦାୟିତ୍ୱରେ ଥିବା ବରିଷ୍ଠ ବିଜ୍ଞାନ ଶିକ୍ଷକ ଦୁର୍ଗାପ୍ରସାଦ ତ୍ରିପାଠୀଙ୍କ ନେତୃତ୍ୱରେ ବିଦ୍ୟାଳୟ ପରିସରରେ ଶକ୍ତି କ୍ଲବ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ବୃକ୍ଷରୋପଣ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରବୋଧ କୁମାର ମହାପାତ୍ର ଯୋଗ ଦେଇଥିବା ବେଳେ ବିଦ୍ୟାଳୟ ପରିସରରେ ନିମ୍ବ, ଆମ୍ବ, ଲିଚୁ, ପଣସ ଇତ୍ୟାଦି ଚାରାରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅମିତା ଘଡେଇ, ସ୍ମିତାଞ୍ଜଳି ସାମଲ, ଭାରତୀ ପରିଡ଼ା, ବିଷୟାବତୀ ମହାନ୍ତି, କୈକେୟୀ ଦେହୁରୀ, ପୂଜା ସାମନ୍ତରାୟ, ଅଶେଷ କୁମାର ମାର୍ଥା ପ୍ରମୁଖ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ନାରାୟଣ ବାରିକ ଉପସ୍ଥିତ ଥିଲେ।



## ଶ୍ରୀ ଶ୍ରୀମଣ୍ଡଳେଶ୍ୱର ମନ୍ଦିରର ରତ୍ନମୁଦ ଉତ୍ସବ

**ଢେଙ୍କାନାଳ,୧୨।୭ (ସମିସ) :** ସଦର ବ୍ଲକ ଅନ୍ତର୍ଗତ ମଣ୍ଡାପାଳ ଗ୍ରାମରେ ଶ୍ରୀ ଶ୍ରୀମଣ୍ଡଳେଶ୍ୱର ମନ୍ଦିର ରତ୍ନମୁଦ କାର୍ଯ୍ୟ ସମାପନା ହୋଇଛି। ପରିଚାଳନା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ନୂତନ ମନ୍ଦିର ରତ୍ନମୁଦ ଉତ୍ସବ ପାଳନ ହୋଇଛି। ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ଗତିକୃଷ୍ଣରାଜ ଓ ତାଙ୍କର ପତ୍ନୀ ବେଦୀରାଜ, ଦାୟିତ୍ୱ ସମ୍ପୂନ୍ନ କରିଛନ୍ତି। ବ୍ରାହ୍ମଣୀ ନଦୀ କୂଳବର୍ତ୍ତି ସ୍ଥାନରୁ କଳସ ଯାତ୍ରା ସହିତ ସମସ୍ତ ଶ୍ରଦ୍ଧାଳୁ ଭକ୍ତମାନେ ଠାକୁରଙ୍କ ଉତ୍ସବରେ ସଙ୍କୀର୍ତ୍ତନ ଓ ଗୋପାଳ ବାଡ଼ିଖେଳ, ଅନ୍ୟ ବାଦ୍ୟଯନ୍ତ୍ର ଦ୍ୱାରା ସମସ୍ତ ଗ୍ରାମବାସୀ ପରିଚାଳନା ନିମନ୍ତେ କାର୍ଯ୍ୟକର୍ତ୍ତା, ପୁରୋଧା, ଧ୍ୱଜା ସ୍ଥାପନ, ଶ୍ରୀଧରଣୀ, ବ୍ରହ୍ମ ଓ ବଂଶୀଧର ବରାଳ, ମହାଦ୍ର ବ୍ରହ୍ମ, ସାରଙ୍ଗଧର ରାଜ, ସଞ୍ଜୟ ରାଜ, ପ୍ରଦୀପ କୁମାର ବ୍ରହ୍ମ, ଅକ୍ଷୟ ସ୍ୱାଇଁ, ସୁରେଶ କୁମାର ବରାଳ, ଧରଣୀଧର ବ୍ରହ୍ମ, ବିଜୟ ନନ୍ଦବ୍ରହ୍ମା, ରମେଶ କୁମାର ବ୍ରହ୍ମା, ପ୍ରମୋଦ କୁମାର ବ୍ରହ୍ମ କାର୍ଯ୍ୟ ତୁଲାଇ ପରିଶେଷରେ ପ୍ରସାଦ ସେବନ କରିଥିଲେ।



## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରତିଷ୍ଠା ଦିବସ

**ହିନ୍ଦୋଳ,୧୨।୭ (ସମିସ)**

ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଖଜୁରିଆକଟାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ସୁକୁମାର ବିଶ୍ୱାଳଙ୍କ ପୌରୋହିତ୍ୟରେ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ପ୍ରାରମ୍ଭରେ ଶିଶୁ ଭାଇଭଉଣୀଙ୍କ ଦ୍ୱାରା ଗଣେଶ ବନ୍ଦନା, ମୁଖ୍ୟ ଅତିଥି ସମାଜସେବୀ ଦଣ୍ଡଧର ପତିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ, ମାତୃ ପ୍ରଣାମ ଓ ଗୁରୁବନ୍ଦନା ପରେ ବିଦ୍ୟାଳୟ ସମ୍ପାଦକ ଶଶୀଭୂଷଣ ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭିକ ସୂଚନା ମାଧ୍ୟମରେ ବିଦ୍ୟାଳୟର ଗୁରୁଜୀ ଶରଦ ସାହୁ ପ୍ରତିଷ୍ଠା ଦିବସର ଆଭିମୁଖ୍ୟ ସମ୍ପର୍କରେ ଅବତାରଣା କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ ଛାତ୍ରସମାଜ ଶୃଙ୍ଖଳିତ ଭାବେ ବିଦ୍ୟା ଅଧ୍ୟୟନ, ଶିକ୍ଷକ ଓ ଛାତ୍ର ଅଭିଭାବକଙ୍କ ସମ୍ମିଳିତ ଉଦ୍ୟମ ଦ୍ୱାରା ବିଦ୍ୟାଳୟର ଲକ୍ଷ୍ୟ ପୂରଣ ହେବା ସଙ୍ଗେ ସଙ୍ଗେ ଦେଶର ମହାନ ପରମ୍ପରା ଓ ଗୌରବ ରକ୍ଷା ହୋଇପାରିବ ବୋଲି ମାର୍ଗଦର୍ଶନ ଦେଇଥିଲେ। ବିଦ୍ୟାଳୟର ପ୍ରଥମ ଗୁରୁମା ଅନସୂୟା ପ୍ରଧାନ ସମ୍ମାନିତ ଅତିଥି ରୂପେ ଯୋଗଦେଇ ୧୧ ଜୁଲାଇ ୧୯୯୬ମସିହା ବିଦ୍ୟାଳୟର ପ୍ରତିଷ୍ଠା ଦିବସକୁ ସ୍ମୃତିଚାରଣ କରିବା ସହିତ ବିଦ୍ୟାଳୟର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ। କୋଷାଧ୍ୟକ୍ଷ ବିମଳ ପ୍ରଧାନ ଓ ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ରମାକାନ୍ତ ପ୍ରଧାନ ବିଦ୍ୟାଳୟରେ ବିଗତ ଦିନର ଅନୁଭୂତିକୁ ପରିପ୍ରକାଶ କରିଥିଲେ। ବିଦ୍ୟାଳୟର ଗୁରୁମା ମଞ୍ଜୁଳା ରାଉଳ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲା ବେଳେ ଅନ୍ୟତମ ଗୁରୁମା କୀର୍ତ୍ତିମୟୀ ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ସକାଳ
THE SAKALA



# ଛତୁଆ ପରେ ପୁଣି ଚାଉଳ ଯୋଗାଣରେ ହେରଫେର

**ରାଜକନିକା, ୧୨।୭ (ସମିସ):** ପ୍ରଶାସନକୁ କରାୟତ କରି ରାଜକନିକା ବ୍ଲକର ଗୋଟିଏ ସ୍ୱୟଂ ସହାୟକ ଗୋଷ୍ଠୀକୁ ଛତୁଆ, ଏମଡିଏମ ଚାଉଳ, ଅଙ୍ଗନବାଡି ଶିଶୁଙ୍କ ପାଇଁ ଚାଉଳ ଯୋଗାଣ ସହ ଦୁଗ୍ଧ ପ୍ରକ୍ରିୟାକରଣ ଭଳି ଲାଭଜନକ ଉଦ୍ୟୋଗ ଦେବା ମୂଳରେ ଥିବା ଭିତିରି ବୁଝାମଣା ଏବେ ଦାଣ୍ଡରେ ପଡ଼ିଛି। ନିୟମ ଅନୁସାରେ ଛତୁଆ ପ୍ରସ୍ତୁତି ଅତ୍ୟନ୍ତ ନିମ୍ନମାନର କରିବା ପରେ ଏବେ ଏମଡିଏମ ଚାଉଳ ଯୋଗାଣରେ ମଧ ଗଫଲତି ପଦାରେ ପଡ଼ିଛି। ଏମଡିଏମ ଚାଉଳ ଷ୍ଟକ ପଏଣ୍ଟ ବିଇଓ ଅଫିସ ଠାରୁ ଅଧା କିମି ଦୂରରେ ରହିବାର ନିୟମ ଥିଲେ ବି ଏଠାରେ ତାହା ପାଳନ ହେଉନାହିଁ। ଯାହା ଫଳରେ ଜରିସାହିଠାରେ ବିଇଓ ଅଫିସ ଥିବା ବେଳେ ଏଠାରୁ ୭ କିମି ଦୂରରେ ଚାଉଳ ଷ୍ଟକ ରଖାଯାଉଛି। ପୁନଶ୍ଚ ଗୋଦାମ ଘରର ଚାବି ଜଣେ ବିଇଓ ତା ଏବିଇଓଙ୍କ ସହ ଟ୍ରାନ୍ସପୋର୍ଟ ଏଜେଣ୍ଟ ଉଭୟଙ୍କ ଦାୟିତ୍ୱରେ ରହିବାକୁ ଥିବା ବେଳେ ଏଠି ଗୋଷ୍ଠୀର ସମ୍ପାଦିକା ଏକାଏକା ନିଜ ପାଖରେ ରଖିବା, ମନଇଚ୍ଛା ଚାଉଳ ଗୋଦାମ ଖୋଲାଯାଇ ଚାଉଳ ବସ୍ତାରୁ କମ କରି ପୁଣି ସିଲେଇ ମେସିନରେ ଆଉ ଥରେ ସିଲେଇ ହେଉଥିବା ବହୁ ଲୋକ ଦେଖିଥିବା କହିଛନ୍ତି। ବିଦ୍ୟାଳୟର ଶିକ୍ଷକମାନଙ୍କୁ ପ୍ରଭାବିତ କରି ଏହି ସମ୍ପାଦିକା କମ ଓଜନର ଚାଉଳ ଦେଇ ବସ୍ତା ପ୍ରତି ୫୦ କେଜି ଦେଉଥିବା ରେକର୍ଡରୁ ଜଣାପଡ଼ିଛି। ତେବେ ଦୀର୍ଘବର୍ଷ ଧରି ସରକାରୀ ନିୟମକୁ ଉଲ୍ଲଂଘନ କରି ନିଜ ମନମାନିରେ ଚଳାଇ ଆସୁଥିବା ଏଭଳି ତମାମ କାର୍ଯ୍ୟଧାରା ଏବେବି ବଳବତ୍ତର ରହିଛି ବୋଲି ଅଭିଯୋଗ ହେଉଛି। ପ୍ରଥମେ ଛତୁଆ ପ୍ରସ୍ତୁତିରେ ଅନିୟମିତତା ପରେ ପରେ ଏବେ ପୁଣି ଚାଉଳ ହେରଫେରକୁ ନେଇ ଉଠିଛି ପ୍ରଶ୍ନ। ରାଜକନିକା ବ୍ଲକ ଅନ୍ତର୍ଗତ ସମସ୍ତ ୨୧୫ ଅଙ୍ଗନବାଡ଼ି କେନ୍ଦ୍ରକୁ ଛତୁଆ ଯୋଗାଉଥିବା ଦୁଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଛତୁଆ ପ୍ରସ୍ତୁତିରେ ବ୍ୟାପକ ଅନିୟମିତତା ପରେ ପୁଣି ଚାଉଳ ଯୋଗାଇ ଦେଉଥିବା ଜୟଶ୍ରୀ ରାମ ସ୍ୱୟଂ ସହାୟକ ଗୋଷ୍ଠୀ ବିବାଦକୁ ଆସିଛି। ଗୋଟେ ପଟେ ଛତୁଆ ପ୍ରସ୍ତୁତିରେ ବ୍ୟାପକ ଘୋଟାଲା ପରେ ଚାଉଳ ଦେବାରେ ବି ହେରଫେର ହେଉଥିବା ନେଇ ଅଭିଯୋଗ ହେଉଛି। ସମସ୍ତ ଅଙ୍ଗନବାଡ଼ି ଓ ବିଦ୍ୟାଳୟକୁ ଚାଉଳ ଯୋଗାଉଛି ଏହି ମହିଳା ଗୋଷ୍ଠୀ। ଅଭିଯୋଗ ଅନୁସାରେ ପ୍ରତି ଚାଉଳ ସିଲାଇ ଠିକ୍ ଥାଇ ଚାଉଳ ବସ୍ତାରୁ କିଭଳି ଏତେ ଗୁଡା ଚାଉଳ କମ୍ ରହୁଛି ତାହାକୁ ନେଇ ବହୁ ଅଙ୍ଗନବାଡ଼ି କର୍ମୀ ଓ ବିଦ୍ୟାଳୟର ଶିକ୍ଷକ ପ୍ରଶ୍ନ ଉଠାଇଛନ୍ତି। କମ୍ ଚାଉଳ ପାଇବି କିଭଳି ଖାତାରେ ଠିକ୍ ପାଉଛ ବୋଲି ହାତ କାଟି ଲେଖି ଦେଉଛ ବୋଲି ପଚାରିବାରୁ ବହୁ ଅଙ୍ଗନବାଡ଼ି କର୍ମୀ ନାମ ପ୍ରକାଶ ନ କରି ସିଡିପିଓଙ୍କ ଅଫିସ ସହିତ ଚାଉଳ ଯୋଗାଣକାରୀ ସଂସ୍ଥାର ନିବିଡ଼ତା ଥିବାରୁ ଆମେ ବାଧ ହୋଇ ଚୁପ୍ ରହୁଛୁ ବୋଲି କହିଛନ୍ତି।

**ଗୋଟିଏ ଗୋଷ୍ଠୀକୁ ଛତୁଆ, ଚାଉଳ, ଦୁଗ୍ଧ ପ୍ରକ୍ରିୟାକରଣ ଦାୟିତ୍ୱ ନେଇ ସନ୍ଦେହ**

ଏଥିରୁ ସ୍ପଷ୍ଟ ଯେ ଏହି ଚାଉଳ ଘୋଟାଲାରେ ସିଡିପିଓ ଅଫିସ ଓ ଚାଉଳ ଯୋଗାଣକାରୀ ସଂସ୍ଥା ର ଯେ ମଧୁଚନ୍ଦ୍ରିକା ଚାଲିଛି ତାହା ଜଳ ଜଳ ଦିଶୁଛି। ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି ଯେ ଓଳାଭର ବଜାର ପ୍ରବେଶ ପଥରେ ରହିଛି ଏହି ସଂସ୍ଥାର ଚାଉଳ ଗୋଦାମ ଘର। ପ୍ରତିମାସ ଚାଉଳ ଆସିବା କ୍ଷଣି ଅତି ଚତୁରତା ସହିତ କିଛି କର୍ମଚାରୀ ପହଞ୍ଚି ପ୍ରତି ବସ୍ତାରୁ ଚାଉଳ ବାହାର କରି ପୁଣି ସିଲାଇ କରି ଦିଅନ୍ତି। ଫଳରେ ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟକୁ ଯୋଗାଣ ହେଉଥିବା ଚାଉଳ ବସ୍ତାରେ କମ୍ ଥିବା ନେଇ ଦୀର୍ଘଦିନ ହେବ ଅଭିଯୋଗ ହୋଇ ଆସୁଛି। ପ୍ରଥମେ ଛତୁଆ ପ୍ରସ୍ତୁତିରେ ଅନିୟମିତତା ସହିତ ଚାଉଳ ଯୋଗାଣରେ ହେରଫେର ନିଶ୍ଚିତଭାବେ ଅପରାଧିକ ପ୍ରସଙ୍ଗ ହୋଇ ଥିବାରୁ ଏହି ଦୁଇ ସଂସ୍ଥା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।

ତେବେ ଗୋଟିଏ ଗୋଷ୍ଠୀକୁ ଏକାଧାରରେ ଛତୁଆ, ଚାଉଳ ଓ ଦୁଗ୍ଧ ପ୍ରକ୍ରିୟାକରଣ ଭଳି ଉଦ୍ୟୋଗ ଦେଇ ମୁନଫା ଯୋଗାଡ଼ରେ ମାତିଥିବା ମିଶନ ଶକ୍ତିର ବିପିସି ମଧ ସ୍ଥାନୀୟ ଲୋକ ହୋଇଥିବାରୁ ସେ ମଧ ଆଇନକୁ ଫାଙ୍କି ଯୋଜନାକୁ ବାଟବଣା କରୁଥିବାରୁ ଏଭଳି ସମ୍ବେଦନ ଘଟଣାରେ ଜିଲ୍ଲାପାଳ ଓ ମିଶନଶକ୍ତି ବିଭାଗ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି। ଏ ସମ୍ପର୍କରେ ରାଜକନିକା ବିଡ଼ିଓ ପୃଥୀରାଜ ପରିଡ଼ାଙ୍କୁ ପଚରାଯିବାରୁ ସେ କହିଲେ ଯେ ଏହି ଅଭିଯୋଗ ସମ୍ପର୍କରେ ତଦନ୍ତ କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ।

# ଇନ୍ଦୁମତୀ ସରସ୍ୱତୀ ବିଦ୍ୟାମନ୍ଦିରରେ ବୃକ୍ଷରୋପଣ



**ରାଜନଗର, ୧୨।୭ (ସମିସ):** ରାଜନଗର ବ୍ଲକ ହାତିନା ପଞ୍ଚାୟତ ନୋଧାବସନ୍ତସ୍ଥିତ ଇନ୍ଦୁମତୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୟାଧର ଷଣ୍ଢ, ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଅକ୍ଷୟ କୁମାର ମିଶ୍ର, ଅନାଦି ଚରଣ ଜେନା, ବ୍ରହ୍ମାନନ୍ଦ ରାଉତ, ଦୁର୍ଯ୍ୟୋଧନ ଦାସ, ବିଦ୍ୟାମନ୍ଦିରର ଅଧକ୍ଷ ଗଣେଶ୍ୱର ନାୟକ, ମୋନାଲିସା ଜେନା, ସବିତା ସେଠୀ, ରବୀନ୍ଦ୍ର ବିଶ୍ୱାଳ, ପ୍ରସନ୍ନ କୁମାର ଦାସ, ପ୍ରଦୀପ କୁମାର ପାଲ, ଗୋବିନ୍ଦ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିବା ସହ ମଣିଷ ଜୀବନ ଚର୍ଯ୍ୟାରେ ବୃକ୍ଷର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ର ଛାତ୍ରୀମାନେ ଉପସ୍ଥିତ ଥିଲେ।

■ ବିଶ୍ୱତାପନ ନିୟନ୍ତ୍ରଣର ବାର୍ତ୍ତା ଦେଲେ ଛାତ୍ର

# ଜନ୍ମଦିନରେ ୧୨୦ ଚାରା ରୋପଣ



**କେନ୍ଦ୍ରାପଡ଼ା, ୧୨।୭ (ସମିସ):** କେନ୍ଦ୍ରାପଡ଼ା ଜିଲା ବାରିମୂଳରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ତୃତୀୟ ଶ୍ରେଣୀ ଛାତ୍ର ବିକାଶ ରଞ୍ଜନ ସାହୁ ବିଦ୍ୟାଳୟ ପରିସରରେ ୧୨୦ ଗୋଟି ଚାରା ଲଗାଇ ବିଶ୍ୱତାପନ ନିୟନ୍ତ୍ରଣର ବାର୍ତ୍ତା ଦେଇଛନ୍ତି। ନିଜର ନବମ ଜନ୍ମଦିନକୁ ପରିବେଶର ସୁରକ୍ଷା ପାଇଁ ଉତ୍ସର୍ଗ କରିଛନ୍ତି। ସେ ଏହି ଅବସରରେ କହିଛନ୍ତି ପୃଥିବୀ ପୃଷ୍ଠରୁ ବ୍ୟାପକ ବୃକ୍ଷ ପଦା ହୋଇ ଯାଉଥିବାରୁ ବିଶ୍ୱ ତାପନ ପରିସ୍ଥିତି ସୃଷ୍ଟି ହେଉଛି। ଫଳରେ ଜଳବାୟୁ ପରିବର୍ତ୍ତନ ଘଟି ମାନବ ସମାଜ ପାଇଁ ବିପଦର କାରଣ ସାଜୁଛି। ଏବେ ଜଳବାୟୁ ପରିବର୍ତ୍ତନ ସତର୍କ ଘଣ୍ଟି ବଜାଇ ସାରିଛି। ତେଣୁ ଏବେଠାରୁ ଆମେ ସଚେତନ ହେବା ଜରୁରୀ। ପ୍ରତି ବ୍ୟକ୍ତି ନିଜ ଜନ୍ମ ଦିନରେ ଚାରା ରୋପଣ କରି ଏହାକୁ ମହାଦ୍ରୁମରେ ପରିଣତ କରିବା ପାଇଁ ଚେଷ୍ଟିତ ହେଲେ ପୁନର୍ବାର ସୁନ୍ଦର ପୃଥିବୀ ଗଠନ ହୋଇ ପାରିବ। ଫଳରେ ଆମର ଉତ୍ତର ପିଢି ସୁସ୍ଥ ଜୀବନ ଯାପନ କରିପାରିବେ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବରଞ୍ଜନ ସାହୁଙ୍କ ସମେତ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଛାତ୍ର ସୁରକ୍ଷା ମଞ୍ଚ ପକ୍ଷରୁ କଲେଜ କ୍ୟାମ୍ପସ୍ ସଫେଇ




**ରାଜନଗର, ୧୨।୭ (ସମିସ):** ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଛାତ୍ର ସୁରକ୍ଷା ମଞ୍ଚ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ପ୍ରଣୟ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ର ସୁରକ୍ଷା ମଞ୍ଚର ଏହି ଅଭିନବ ପ୍ରୟାସକୁ ପ୍ରଶଂସା କରିଥିଲେ। ଛାତ୍ର ନେତା ସୌମ୍ୟ ରଞ୍ଜନ ସେଠୀ, ସୁକୁମାର ମାନ୍ନା, ଛାତ୍ରୀ ନେତ୍ରୀ ରଶ୍ମୀତା ରାଉତ, ଝାନ୍ସୀ ନାୟକ, ଜୁଲି ସେଠୀ, ବିବେକାନନ୍ଦ ଦାସ, ଅଭିଷେକ ରାଉଳ, ପଦ୍ମଲୋଚନ ପରିଡ଼ା, ରାହୁଲ ସ୍ୱାଇଁ, ମନୋରଞ୍ଜନ ସ୍ୱାଇଁ, ଶମ୍ଭୁ ମଣ୍ଡଳ, ରୀତା ମଣ୍ଡଳ ପ୍ରମୁଖ ଛାତ୍ର ଛାତ୍ରୀ ମହାବିଦ୍ୟାଳୟର ପରିସରକୁ ସଫା ସୁତୁରା କରିଥିଲେ।

# ବ୍ଲକ୍ ସ୍ତରୀୟ ପ୍ରେରଣା ମହୋତ୍ସବ



**କେନ୍ଦ୍ରାପଡ଼ା, ୧୨।୭ (ସମିସ):** କୁଶିଆପାଳସ୍ଥିତ ସରକାରୀ ସିନିଅର ବେସିକ ଉନ୍ନିତ ହାଇସ୍କୁଲରେ ବ୍ଲକ ସ୍ତରୀୟ ପ୍ରେରଣା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବ୍ଲକ ସ୍ତରୀୟ ପ୍ରେରଣା ମହୋତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ଶୁଭାଲିନ ଜେନା ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିଥିଲେ। ଏଥିରେ ସମ୍ମାନୀତ ଅତିଥି ଭାବେ ନୋଡାଲ ପ୍ରଧାନ ଶିକ୍ଷୟିତ୍ରୀ ଡ. କାନନବାଳା ନାୟକ ଯୋଗଦେଇ ପ୍ରେରଣା ଉତ୍ସବର ଆଭିମୁଖ୍ୟ ସ୍ପଷ୍ଟ କରିବା ସହିତ 'ଭାରତ ପାଇଁ ମୋର ଦୃଷ୍ଟିକୋଣ ଓ ବିକଶିତ ଭାରତ' ଶୀର୍ଷକ ବିଷୟ ଉପରେ ଛାତ୍ରଛାତ୍ରୀମାନଙ୍କ ପାଇଁ ବହୁ ମୂଲ୍ୟବାନ ତଥ୍ୟ ସମ୍ବଳିତ ବକ୍ତବ୍ୟ ରଖିଥିଲେ। ଆଗାମୀ ୨୦୪୭ ମସିହା ସୁଦ୍ଧା ଆମ ଦେଶ ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବ ବୋଲି ସେ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଆରସିସି. ତଥା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଦେବଦତ୍ତ ଶତପଥୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସଚ୍ଚିକାନ୍ତ ତ୍ରିପାଠୀ, ପୂର୍ବତନ ନୋଡାଲ ପ୍ରଧାନ ଶିକ୍ଷକ ଗଗନବିହାରୀ ସୂତାର, ପୂର୍ବତନ ବିଆରସିସି. ତଥା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନରହରି ସୂତାର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଉତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ମିଲି ବେହେରା, ରବୀନ୍ଦ୍ର କୁମାର ସିଂ, ତୁଳାରାମ ବାତ୍ରା, ରତିକାନ୍ତ ଜେନା, ଶୁଭସ୍ମିତା ଜେନା, ମଧୁସ୍ମିତା ମଲିକ, ସରସ୍ୱତୀ କୁଣ୍ଡ, ଅକ୍ଷୟ କୁମାର ପୋଥାଳ, ରଶ୍ମିତା ପାତ୍ର, ଲଳିତା ବେଉରା, ଅନ୍ନପୂର୍ଣ୍ଣା ସେଠୀ, ତାରିଣୀ ପ୍ରସାଦ ପଣ୍ଡା, ଅନିତା ଦାସ ପ୍ରମୁଖ ସହଯୋଗ କରିଥିଲେ। କୁଶିଆପାଳ କ୍ଲଷ୍ଟରର ସିଆରସିସି. ଅମିତା ବାଇ ଉତ୍ସବ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ପୂର୍ବତନ ହିନ୍ଦୀ ଶିକ୍ଷକ ମହେଶ୍ୱର ସାହୁ ଏଥିରେ ସହାୟତା କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷୟିତ୍ରୀ ମିଲି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

■ କେନ୍ଦ୍ରାପଡ଼ା କଲେଜରୁ ଏସି ଚୋରି ଘଟଣା

# ଦାବି ପୂରଣ ନେଇ ପ୍ରତିଶ୍ରୁତି ପରେ ଧାରଣା ସ୍ଥଗିତ

**କେନ୍ଦ୍ରାପଡ଼ା, ୧୨।୭ (ସମିସ):** କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଏସି ଚୋରି ଘଟଣାର ମାଷ୍ଟରମାଇଣ୍ଡ ଗିରଫ ଓ ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ ଦ୍ୱାରା କରାଯିବା ଦାବିରେ ଟାଉନ ଥାନା ସମ୍ମୁଖରେ ବିଗତ ୫ ଦିନ ଧରି ଧାରଣାରତ ମହାବିଦ୍ୟାଳୟର ପୁରାତନ ଛାତ୍ରମାନେ ଆଜି ଅପରାହ୍ନରେ ଦାବି ପୁରଣର ପ୍ରତିଶୃତି ପାଇବା ପରେ ଧାରଣାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯିବା ନେଇ ଘୋଷଣା କରିଛନ୍ତି। କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶରେ ପୁଲିସ ମୁଖ୍ୟାଳୟର ଡିଏସ୍‌ପି ସରିତା ମହାପାତ୍ର ଧାରଣାସ୍ଥଳରେ ପହଞ୍ଚି ଧାରଣାକାରୀ ପୁରାତନ ଛାତ୍ର ଚିତ୍ତରଞ୍ଜନ ଦାସ, ଭାଗିରଥୀ ଜେନା, ଗୟାଧର ଧଳ, ମୀର ମୁର୍ଶିଦ୍ଦ ପ୍ରମୁଖଙ୍କ ସହ ଆଲୋଚନା କରିବା ପରେ ଦାବି ସମ୍ପର୍କରେ ଆରକ୍ଷୀ ଅଧିକ୍ଷକଙ୍କ ସହ କଥା ହୋଇଥିଲେ। ଏହି ଘଟଣାର ତଦନ୍ତ ପୁଲିସ ମୁଖ୍ୟାଳୟରେ ଥିବା ଜଣେ ଇନ୍ସପେକ୍ଟର ପାହ୍ୟାର ଅଧିକାରୀଙ୍କ ଦ୍ୱାରା କରାଯିବା, ପୁରାତନ ଛାତ୍ରମାନେ ଥାନାଧିକାରୀଙ୍କୁ ପ୍ରଦାନ କରିଥିବା ଲିଖିତ ଅଭିଯୋଗର ତଦନ୍ତ କରାଯିବା ସହିତ କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ଦାବିପତ୍ରକୁ ରାଜ୍ୟ ପୁଲିସ ମୁଖ୍ୟଙ୍କୁ ପଠାଯିବ ବୋଲି ଡିଏସ୍‌ପି ଶ୍ରୀମତୀ ମହାପାତ୍ର ଏସ୍‌ପିଙ୍କ ପକ୍ଷରୁ ଧାରଣାକାରୀଙ୍କୁ ପ୍ରତିଶୃତି ଦେବାପରେ ଧାରଣାକୁ ସ୍ଥଗିତ ରଖାଯାଇଥିଲା। ଆଜିର ଧାରଣାରେ ପୁରାତନ ଛାତ୍ର ଚିତ୍ତରଞ୍ଜନ ଦାସ, ଆଦିକନ୍ଦ ରାଉଳ, ରମଣୀରଞ୍ଜନ ରାଉତରାୟ, ଭାଗିରଥୀ ଜେନା, ନିରଞ୍ଜନ ପରିଡ଼ା, ମୀର ମୁର୍ଶିଦ୍ଦ, ବିକାଶ ଚନ୍ଦ୍ର ବେଉରା, ଗୟାଧର ଧଳ ପ୍ରମୁଖ ଉପସ୍ଥିତ ଥିଲେ।



# ମିଛ ଖବର ପ୍ରସାରଣ ଉପରେ ଅଦାଲତଙ୍କ ନିଷେଧାଜ୍ଞା

**ଟିଭି ଚ୍ୟାନେଲ ଓ ପ୍ରତିନିଧିଙ୍କ ନାଁରେ ୧ କୋଟି ଟଙ୍କାର ମାନହାନି ମୋକଦ୍ଦମା**

**ରାଜନଗର, ୧୨।୭ (ସମିସ):** ଭିତରକନିକା ଜାତୀୟ ଉଦ୍ୟାନ ଏବେ ଦେଶ ବିଦେଶର ପରିବେଶପ୍ରେମୀ ପର୍ଯ୍ୟଟକଙ୍କର ପ୍ରଥମ ପସନ୍ଦ ପାଲଟିଛି। ଭିତରକନିକାକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କ ରହିବା ଓ ଖାଇବା ପାଇଁ ଜାତୀୟ ଉଦ୍ୟାନ ଭିତରେ ବନବିଭାଗର ରିସର୍ଟ ଓ କାଫେ ଥିବା ବେଳେ ବାହାରେ ହୋମଷ୍ଟେ ଓ ହୋଟେଲ ଗଢିଉଠିଛି। ଭିତରକନିକା ନିକଟରେ ଥିବା ହୋଟେଲ ସ୍ୱାଦ ବିରୁଦ୍ଧରେ ଲଗାତର ଭାବେ ମିଛ ଖବର ପରିବେଷଣ ଉପରେ ଅଦାଲତ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏକ ଘରୋଇ ନ୍ୟୁଜ ଚ୍ୟାନେଲ ସ୍ୱାଦ ହୋଟେଲ ଓ ତାଙ୍କର ରେପ୍ୟୁଟେସନ ଉପରେ ମିଛ ଖବର ପ୍ରସାରଣ ଉପରେ ମାନ୍ୟବର ସିଭିଲ ଜଜ୍ ସିନିୟର ଡିଭିଜନ ପଟ୍ଟାମୁଣ୍ଡାଇ ପକ୍ଷରୁ ନିଷେଧାଜ୍ଞା ଜାରି କରାଯାଇଛି। ବଳେ ବଳେ ପରେ ହୋଟେଲ ସ୍ୱାଦ, ଆଉଜଣେ ବିଜେଡି ବିଧାୟକ ଧ୍ରୁବ ସାହୁ ହୋଟେଲରେ ବଡି ମସାଜ, ସୁରାପାନ ଓ ଦେହ ବ୍ୟବସାୟ ଚାଲିଥିବା ନେଇ ଏହି ନ୍ୟୁଜ ଚ୍ୟାନେଲରେ ଖବର ପ୍ରସାରଣ କରାଯାଇଥିଲା। ଏହି ହୋଟେଲ ବିଧାୟକ ଧ୍ରୁବ ସାହୁଙ୍କର ନୁହେଁ, ଏଥିରେ ତାଙ୍କର କୌଣସି ସମ୍ପୃକ୍ତି ନାହିଁ, ହୋଟେଲ ମୋ ସ୍ୱାମୀଙ୍କ ନାଁରେ ଥିବା ସ୍ଥିତିବାନ ସତ୍ତ୍ୱରେ ନିର୍ମାଣ ହୋଇଛି। ହୋଟେଲରେ ନିୟମିତ ଜିଏସଟି ଦିଆଯାଉଥିବା ବେଳେ ଫୁଡ ଲାଇସେନ୍ସ ସମସ୍ତ କାଗଜ ପତ୍ର ଠିକ୍ ରହିଛି। ଏହି ନ୍ୟୁଜ ଚ୍ୟାନେଲ ମିଛ ଖବର ପ୍ରସାରଣ କରି ହୋଟେଲର ଓ ମୋର, ମୋ ସ୍ୱାମୀ ଏବଂ ମୋ ପରିବାର ସଦସ୍ୟଙ୍କର ସମ୍ମାନହାନି କରୁଥିବା ନେଇ ହୋଟେଲ ମାଲିକାଣୀ ପୁଷ୍ପଲତା ସ୍ୱାଇଁ ସିଭିଲ ଜଜ୍ ସିନିୟର ଡିଭିଜନ, ପଟ୍ଟାମୁଣ୍ଡାଇଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟରେ ସିଏସ୍ ନଂ ୨୧୫/୨୪ ସହିତ ମଧ୍ୟବର୍ତ୍ତୀକାଳୀନ ଦରଖାସ୍ତ (ଇଣ୍ଟରିମ ଆପ୍ଲିକେସନ) ୧୭।୬/୨୪ରେ ଦର୍ଶାଇଥିଲେ। ଏହି ନ୍ୟୁଜ ଚ୍ୟାନେଲର କେନ୍ଦ୍ରାପଡ଼ା ଜିଲ୍ଲା ରିପୋର୍ଟର, ଆସୋସିଏଟ ଏଡିଟର ଓ ତାଙ୍କର ସହଯୋଗୀଙ୍କ ନାଁରେ କୋର୍ଟରେ ୧ କୋଟି ଟଙ୍କାର ମାନହାନୀ ଓ କ୍ଷତିପୂରଣ ମୋକଦ୍ଦମା କରିଥିଲେ। ନ୍ୟାୟାଳୟ ଏହି ଆବେଦନ ଗ୍ରହଣ କରିବା ସହ ହୋଟେଲ ଓ ତାଙ୍କର ରେପୁଟେସନ ଖରାପ ଏହି ନ୍ୟୁଜ ଚ୍ୟାନେଲ କରିପାରିବ ନାହିଁ। ନ୍ୟୁଜ ଚ୍ୟାନେଲର କେନ୍ଦ୍ରାପଡ଼ା ଜିଲ୍ଲା ରିପୋର୍ଟରଙ୍କୁ ମାନ୍ୟବର କୋର୍ଟ ତରଫରୁ ହୋଟେଲ ସମ୍ପର୍କରେ ମିଛ ଖବର ପରିବେଷଣ ଉପରେ ନିଷେଧାଜ୍ଞା ଜାରି କରାଯାଇଛି। ଏଥିସହ ୨୭ ଜୁଲାଇରେ ହାଜର ହୋଇ ତାଙ୍କର ପକ୍ଷ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବରିଷ୍ଠ ଆଇନଜୀବୀ ଭୀମସେନ ଭୂୟାଁ ଓ ତାଙ୍କ ସହଯୋଗୀ ଅର୍ପିତା ସ୍ୱାଇଁ, ଅରୂପ ପାତ୍ର, ଦେବଦତ ସେଠୀ ପ୍ରମୁଖ ମାମଲା ପରିଚାଳନା କରିଥିଲେ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ପଟ୍ଟାମୁଣ୍ଡାଇ, ୧୨।୭ (ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଜରିଆ ବଳଦେବ ସରକାରୀ ଉଚ୍ଚବିଦ୍ୟାଳୟ ଓ ସିଦ୍ଧ ପରମହଂସ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ନୃସିଂହଜୀଉ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଶ୍ରୀଚରଣ ନାୟକଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଶିକ୍ଷକନେତା ଅରକ୍ଷିତ ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ସହକାରୀ ଶିକ୍ଷାଧିକାରୀ ନରହରି ସୂତାର, ମୁଖ୍ୟବକ୍ତା ଭାବେ ବିଜୟ କୁମାର ଜେନା, ସମ୍ମାନୀତଅତିଥି ଭାବେ ଆଳି ସହକାରୀ ଶିକ୍ଷାଧିକାରୀ ଉଦକର ସାମଲ, ଅଜାମ୍ବର ପ୍ରଧାନ, ପୂର୍ବତନ ପ୍ରଧାନଶିକ୍ଷକ ପ୍ରେମାନନ୍ଦ ସ୍ୱାଇଁ, ପୂର୍ବତନ ସିଆରସିସି ଅଶୋକ କୁମାର ପରିଡ଼ା, କେଦାରନାଥ ପରିଡ଼ା, ପୂର୍ବତନ ସିଆରସିସି ଅନ୍ତର୍ଯ୍ୟାମୀ ବେଜ, ସିଆରସିସି ସତ୍ୟବ୍ରତ ସାମନ୍ତରାୟ, ରଞ୍ଜନ କୁମାର ବେହେରା, ରମେଶ ଚନ୍ଦ୍ର ମହାନ୍ତି, ସୁଧାଂଶୁ କୁମାର ଦାସ, ଶ୍ରନିବାସ ସାହୁ, କଳାକର ସାହୁ ପ୍ରମୁଖ ଯୋଗ ଦେଇ ବିଦାୟୀ ପ୍ରଧାନଶିକ୍ଷକଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ବିଦାୟୀ ପ୍ରଧାନଶିକ୍ଷକଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସହକାରୀ ଶିକ୍ଷକ ନୀଳିମା ଜେନା, ଶଶୀରେଖା ସ୍ୱାଇଁ, ସୁଚିତ୍ରା ବେହେରା, ସୁଧାଂଶୁ ଶେଖର ପ୍ରଧାନ, ସୁଲେଖ ଚନ୍ଦ୍ର ପ୍ରଧାନ, ତରୁଲତା ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ପ୍ରଧାନଶିକ୍ଷକ ନନ୍ଦକିଶୋର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



# ବିଦ୍ୟାଳୟ ଓ ପଞ୍ଚାୟତ କାର୍ଯ୍ୟାଳୟ ମୁଖ୍ୟରାସ୍ତା ଜଳାର୍ଣ୍ଣବ

**ଗରଦପୁର, ୧୨।୭ (ସମିସ):** ହଜାର ହଜାର ଛାତ୍ରଛାତ୍ରୀଙ୍କ ପାଇଁ ଯାତାୟତ ରାସ୍ତା ବିପଦ ପାଲଟିଛି। ଦୈନିକ ଏହି ରାସ୍ତାରେ କୁନି କୁନି ପିଲା ପଡ଼ି ଖଣ୍ଡିଆଖାବରା ହେଉଛନ୍ତି। ଆଣ୍ଠୁଏ ପାଣିରେ ସ୍କୁଲ ଯାଉଛନ୍ତି। ଏହି ବିପଦପୂର୍ଣ୍ଣ ରାସ୍ତାରେ ଯିବାକୁ ଛାତ୍ରଛାତ୍ରୀ ବାଧ ହେଉଛନ୍ତି। ଏହିଭଳି ଏକ ଦୃଶ୍ୟ ଗରଦପୁର ବ୍ଲକ ନିକଟରୁ ମାତ୍ର ୨ ଶହ ମିଟର ଦୂରରେ ଦେଖିବାକୁ ମିଳିଛି। ଗରଦପୁର ହାଟ ନିକଟରେ ଥିବା ପ୍ରାଥମିକ, ମାଧମିକ, ଉଚ୍ଚ ବିଦ୍ୟାଳୟ ସହ ଗରଦପୁର ସରସ୍ୱତୀ ଶିଶୁ ମନ୍ଦିରରକୁ ମିଶାଇ ହଜାର ହଜାର ଛାତ୍ରଛାତ୍ରୀ ଏହି ରାସ୍ତାରେ ନିର୍ଭରଶୀଳ। ଏହାଛଡ଼ା ପଞ୍ଚାୟତ କାର୍ଯ୍ୟାଳୟ ଏବଂ ଶିବ ମନ୍ଦିର ଏବଂ ଦିଗି ପୋଖରୀକୁ ଯିବାକୁ ଏହି ରାସ୍ତା ଉପରେ ସ୍ଥାନୀୟ ବସିନ୍ଦା ନିର୍ଭରଶୀଳ। ଟୋପାଏ ବର୍ଷାରେ ଏହି ରାସ୍ତା ଜଳ ସମୁଦ୍ର ପାଲଟି ଯାଉଛି। ଫଳରେ ଏକାଧିକ ଗାଁ ଲୋକେ ଏବଂ ଛାତ୍ରଛାତ୍ରୀ ଯାତାୟାତରେ ନାହିଁ ନ ଥିବା ହିନସ୍ତା ଭୋଗୁଛନ୍ତି। ଏଥିପାଇଁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଯେହେତୁ ଏଠାରେ ଶିବ ମନ୍ଦିର ଥିବାରୁ ବର୍ଷ ସାରା ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେବା ସହିତ ବିଭିନ୍ନ ଧାର୍ମିକ ଏବଂ ମାଙ୍ଗଳିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥାଏ। ହେଲେ ଏହି ରାସ୍ତାରେ ପାଣି ଜମିବା ଯୋଗୁଁ ସକାଳ, ସଞ୍ଜରେ ବି ଶ୍ରଦ୍ଧାଳୁ ଆସି ନ ପାରି ହିନସ୍ତା ଭୋଗୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଦୈନିକ ସରକାରୀ ଆଉ ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ଆଣ୍ଠୁଏ ଖାଲରେ ପଡ଼ି ଖଣ୍ଡିଆଖାବରା ହେଉଛନ୍ତି। ଥରେ ବର୍ଷା ହେଲେ ପାଣିର ନିଷ୍କାସନ ବାଟ ନ ଥିବାରୁ ଦିନ ଦିନ ଧରି ଅତି ଅପରିଷ୍କାର ଭାବେ ପାଣି ରହିଥିଲେ ବି ନିଷ୍କାସନ ହେଉ ନ ଥିବାର ଅଭିଯୋଗ ହେଉଛି। ତେଣୁ ଏଭଳି ଏକ ବ୍ୟସ୍ତବହୁଳ ରାସ୍ତାକୁ ତୁରନ୍ତ ପାଣି ନିଷ୍କାସନର ବାଟ କରି ମରାମତି କରିବାକୁ ଶିକ୍ଷାବିତ, ସମାଜସେବୀ ଏବଂ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।



# ବସ୍ ଧକ୍କାରେ ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ




**କେନ୍ଦ୍ରାପଡ଼ା, ୧୨।୭ (ସମିସ):** କେନ୍ଦ୍ରାପଡ଼ା ପୌରାଞ୍ଚଳର ଜନଗହଳିପୂର୍ଣ୍ଣ କେଶପୁର ବଜାରରେ ବସ ଧକ୍କାରେ ଏକ ବିଦ୍ୟୁତ୍ ଖୁଣ୍ଟ ୨ ଖଣ୍ଡ ହୋଇ ଭାଙ୍ଗିବା ସହ ଏକ କୋଠାରେ ଆଉଜି ହୋଇ ରହିଯିବାରୁ ଏକ ବଡ ଦୁର୍ଘଟଣା ଟଳି ଯାଇଛି। ଆଜି ଅପରାହ୍ନ ପ୍ରାୟ ୫ଟା ବେଳେ କଳାହାଣ୍ଡିରୁ ଆସିଥିବା ଏକ ଲକ୍‌ଜରି ବସ ରାସ୍ତା କଡରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଫଳରେ ବିଦ୍ୟୁତ୍ ଖୁଣ୍ଟଟି ମୂଳରୁ ଭାଙ୍ଗି କିଛିବାଟ ଘୁଞ୍ଚି ଯାଇ ଗୋଟିଏ କୋଠାରେ ଲାଖି ରହିଛି। ତେବେ ଷ୍ଟେ ତାର ବନ୍ଧା ହୋଇଥିବାରୁ ତଳେ ନପଡ଼ି ଝୁଲି ରହିଛି। ବିଦ୍ୟୁତ ସରବରାହ ଥିବାରୁ ଲୋକେ ଦୌଡାଦୌଡି ହୋଇ ପଳାଇ ଯାଇଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ସ୍ଥାନୀୟ ଲୋକେ ବସରେ ଥିବା ଜଣେ ଲୋକକୁ ଧରି ଟାଉନ ଥାନାକୁ ଦେଇଥିବା ବେଳେ ବସ୍‌ଟି ସେଠାରୁ ଇଛାପୁର ଆଡକୁ ଚମ୍ପଟ ମାରିଥିଲା। ଟାଉନ ଥାନା ଅଧିକାରୀ ଦିଲୀପ ସାହୁଙ୍କ ନିର୍ଦ୍ଦେଶକ୍ରମେ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜନାକୁ ପ୍ରଶମିତ କରିଥିଲେ। ବିଦ୍ୟୁତ୍ ବିଭାଗକୁ ଖବର ଦେବାପରେ କର୍ମଚାରୀମାନେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ସହ ଘଟଣାସ୍ଥଳରେ ପହଞ୍ଚି କାମ ଆରମ୍ଭ କରିବାରୁ ପରିସ୍ଥିତି ଶାନ୍ତ ହୋଇଥିଲା।

# ପାରାଦୀପ ନଗର କଂଗ୍ରେସ ସଭାପତି ହେଲେ କେଦାରନାଥ



**ପାରାଦୀପ, ୧୨।୭ (ସମିସ):** ପାରାଦୀପ ନଗର କଂଗ୍ରେସ ସଭାପତି ଭାବେ ଯୁବନେତା କେଦାରନାଥ ବିଶ୍ୱାଳଙ୍କୁ ରାଜ୍ୟ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ନିଯୁକ୍ତି ଦେଇଛନ୍ତି। ଏ ସମ୍ପର୍କରେ ଜିଲ୍ଲା ସଭାପତି ନଟବର ବାରିକଙ୍କୁ ପ୍ରଦେଶ କଂଗ୍ରେସ ଉପସଭାପତି ଶିବାନନ୍ଦ ରାୟ ପତ୍ର ମାଧ୍ୟମରେ ସୂଚନା ଦେଇଛନ୍ତି। ଶ୍ରୀ ବିଶ୍ୱାଳ ପାରାଦୀପ ମହାବିଦ୍ୟାଳୟ ଛାତ୍ର ସଂସଦର ପୂର୍ବତନ ସଭାପତି। ଦୀର୍ଘବର୍ଷ ଧରି ସକ୍ରିୟ ରାଜନୀତିରେ ରହି ଆସିଥିବା ଶ୍ରୀ ବିଶ୍ୱାଳ ଗତ ସାଧାରଣ ନିର୍ବାଚନରେ ସକ୍ରିୟ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପାରାଦୀପରେ କଂଗ୍ରେସ୍ ଏବେ ଯେଉଁ କଠିନ ସମୟ ଦେଇ ଗତି କରୁଛି ତାହା ସମସ୍ତେ ଜାଣିଛନ୍ତି। ଏହି ସମୟରୁ ବାହାରି ଆଗକୁ ବଢ଼ିବା ପାଇଁ ସେ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ପ୍ରକାଶଥାଉକି, ସାଧାରଣ ନିର୍ବାଚନ ପୂର୍ବରୁ ନଗର କଂଗ୍ରେସ୍ ସଭାପତି ଦାୟିତ୍ୱରେ ଥିବା ବାପି ସର୍ଖେଲଙ୍କ ଏକାନ୍ତ ଅନୁଗତ ଅନୁପ କୁମାର ସାହାଣୀ ଦଳ ଛାଡି ବିଜେଡିରେ ସାମିଲ ହୋଇଥିଲେ। ଫଳରେ କଂଗ୍ରେସ୍ ପ୍ରାର୍ଥୀ ନିରଞ୍ଜନ ନାୟକ ପୁରୁଖା କଂଗ୍ରେସ୍ କର୍ମୀଙ୍କ ଭରସାରେ ନିର୍ବାଚନ ବୈତରଣୀ ପାର ହୋଇଥିଲେ। କେଦାରନାଥ ବିଶ୍ୱାଳ ନୂତନ ସଭାପତି ଭାବେ ଦାୟିତ୍ୱ ନେବା ପରେ କର୍ମୀ ମହଲରେ ଉତ୍ସାହ ଦେଖାଦେଇଛି।

# ଶୌଚାଳୟରୁ ଶ୍ରମିକଙ୍କ ମୃତଦେହ ଉଦ୍ଧାର

**ପାରାଦୀପ, ୧୨।୭ (ସମିସ):** ପାରାଦୀପ ଜିରୋପଏଣ୍ଟ ପାଖ ଓଏସ୍‌ଏଲ୍ କଣ୍ଟାରେ ରହୁଥିବା ଜଣେ ଶ୍ରମିକଙ୍କ ମୃତଦେହ ସେହି ପାଖ ଶୌଚାଳୟରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛି। ମୃତକ ହେଲେ କେନ୍ଦୁଝର ଜିଲ୍ଲା ଯୋଡା ଅଞ୍ଚଳର ରାଜେନ୍ଦ୍ର ନାୟକ। ତାଙ୍କ ବୟସ ୫୦ ବର୍ଷ ହେବ। ସେ ଦୀର୍ଘଦିନ ହେବ ଓଏସ୍‌ଏଲ୍‌ରେ ଓଲ୍ଡର ମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ଗତକାଲି ବିଳମ୍ବିତ ରାତ୍ରିରେ ସେ ଶୌଚାଳୟ ନିକଟ ଏକ୍ଜିଟ୍ ଫ୍ୟାନରେ ଝୁଲୁଥିବା ତାଙ୍କ ସହିତ ରହୁଥିବା ସହଯୋଗୀ ଦେଖିଥିଲେ। ସହଯୋଗୀ ଜଣଙ୍କ କମ୍ପାନୀକୁ ଜଣାଇବା ପରେ କମ୍ପାନୀ ପକ୍ଷରୁ ପୁଲିସକୁ ଖବର ଦିଆଯାଇଥିଲା। ଲକ୍ ଥାନା ପୁଲିସ ପହଞ୍ଚି ଶବ ଜବତ କରିବା ସହିତ ତଦନ୍ତ ଜାରିରଖିଛନ୍ତି। ତେବେ ତାଙ୍କୁ କେହି ହତ୍ୟା କରିଛି କିମ୍ବା ସେ ଆମ୍ବହତ୍ୟା କରିଛନ୍ତି ତାହା ସ୍ପଷ୍ଟ ଜଣାପଡ଼ିନାହିଁ।

# ୨୦ନଂ ରାଜପଥରେ ପୁଣି ଲିଭିଲା ଲାଇଟ୍

**ପାଣିକୋଇଲି, ୧୨।୭ (ସମିସ):** ପାଣିକୋଇଲିଠାରୁ ଚାନ୍ଦପୁର ପର୍ଯ୍ୟନ୍ତ ୨୦ ନମ୍ବର ଜାତୀୟ ରାଜପଥରେ ଲଗାଯାଇଥିଲା ଲାଇଟ୍। ଏହି ଲାଇଟ ଦୀର୍ଘଦିନ ଧରି ନ ଜଳିବାରୁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଗତ ୮ ତାରିଖ ଏହି ଲାଇଟ ଜଳିଥିଲା। ଫଳରେ ବଜାରବାସୀ ସେମାନଙ୍କର ବହୁ ଦିନର ଆବଶ୍ୟକତା ମେଣ୍ଟିଥିବାରୁ ଖୁସିବ୍ୟକ୍ତ କରିଥିଲେ। ଏମିତିକି ବିଭାଗୀୟ ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ପରିତାପର ବିଷୟ ଏହି ଲାଇଟ୍ ମାତ୍ର ଗୋଟିଏ ଦିନ ଜଳିବା ପରେ ଏବେ ଅନ୍ଧାର। ଯାହାକୁ ନେଇ ସାମାଜିକ କର୍ମୀ ତଥା ଯୁବ ନେତା ରାକେଶ କୁମାର ସାହୁ ଜାତୀୟ ରାଜପଥ ବିଭାଗ ନିକଟରେ ଅଭିଯୋଗ କରିଛନ୍ତି। ରାଜପଥ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ ଉକ୍ତ ଲାଇଟ ଜଳାଇବାକୁ ସବୁ ସ୍ତରରୁ ଦାବି ହୋଇଛି।

## ବାଲିକୁଦା ବଜାରରେ ଟ୍ରାଫିକ୍ ସମସ୍ୟା

# ଉଠାଦୋକାନୀଙ୍କ ପ୍ରତି କୋହଳ ହେଉଛି ପ୍ରଶାସନ

**ବାଲିକୁଦା, ୧୨।୭ (ସମିସ)**



ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନ ପକ୍ଷରୁ ବାଲିକୁଦା ବଜାରରେ ଥିବା ଉଠା ଦୋକାନୀମାନଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରୁଛି ତହସିଲ ଓ ବ୍ଲକ ପ୍ରଶାସନ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ କିଛି ଉଠା ଦୋକାନୀଙ୍କ ସ୍ୱାର୍ଥ ସାଧନ କରିବାକୁ ଯାଇ ଶତାଧିକ ନିରୀହ ଲୋକଙ୍କ ଜୀବନ ହରାଇବାକୁ ପଡୁଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ଦୁଇ ଦୁଇ ଥର ଉଠା ଦୋକାନୀ ମାନଙ୍କୁ ଜଳ ସମ୍ପଦ ବିଭାଗ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଇଥିଲେ ସୁଦ୍ଧା ସେମାନେ ଅର୍ଥ ନେଇ ମଧ୍ୟ ଦୋକାନ ନଭାଙ୍ଗି କାହା ଛତ୍ରଛାୟା ତଳେ ସୁରକ୍ଷା ପାଉଛନ୍ତି ତାହାକୁ ନେଇ ଉଠିଛି ବିରାଟ ପ୍ରଶ୍ନବାଚୀ।

ବାଲିକୁଦା ବଜାରଟି ବ୍ଲକର ଏକ ପ୍ରମୁଖ ବଜାର ହୋଇଥିଲେ ଉଠା ଦୋକାନୀଙ୍କ ପାଦୁର୍ଭାବ ଯୋଗୁ ଅନେକ ସମୟରେ ଏଠାରେ ଟ୍ରାଫିକ୍ ସମସ୍ୟା ଗୁରୁତର ହେବାରୁ ଦୁର୍ଘଟଣାରେ ଅନେକ ନିରୀହଙ୍କ ଜୀବନ ଯାଇଥାଏ। ଏପରିକି ବାଲିକୁଦା ମେଡିକାଲ ଉପରେ ବାଲିକୁଦା ବ୍ଲକର ଜନସାଧାରଣ ମାନଙ୍କ ସମେତ ନାଉଗାଁ ବ୍ଲକ ଓ ଏରସମା ବ୍ଲକର ଜନସାଧାରଣ ନିର୍ଭର କରିଥାନ୍ତି। ଅନେକ ସମୟରେ ମେଡିକାଲକୁ ଆସୁଥିବା ଆମ୍ବୁଲାନ୍ସ ଗାଡି ଭିଡ଼ କାରଣରୁ ଅନେକ ସମୟ ଅପେକ୍ଷା କରି ରହିଥାଏ। କଟକ ମାଛଗାଁ ମୁଖ୍ୟ ରାସ୍ତାର ମୁଖ୍ୟ ବଜାର ବାଲିକୁଦା ଦେଇ ବୋରିକିନା ଗୋଡ଼ା, ନହରଣା, ସମେତ ନାଉଗାଁ ଆଦି ସ୍ଥାନକୁ ବସ୍ ସମେତ ଅନ୍ୟାନ ଭାରିଜାନ, ଚାରି ଚକିଆ ଓ ଦୁଇ ଚକିଆ ଜାନ ଚଳାଚଳ କରୁଥିବା କାରଣରୁ ଅନେକ ସମୟରେ ରାସ୍ତା ଉଠା ଦୋକାନୀଙ୍କ କାରଣରୁ ପ୍ରତିରୋଧ ସମସ୍ୟା ସୃଷ୍ଟି କରିଥାଏ। ଏନେଇ ଦୀର୍ଘ ବର୍ଷ ହେବ ତହସିଲ କାର୍ଯ୍ୟାଳୟ, ଜିଲ୍ଲାପାଳ କାର୍ଯ୍ୟାଳୟରେ ସ୍ଥାନୀୟ ଅଞ୍ଚଳର ଲୋକେ ଅବରୋଧ ମୁକ୍ତ ପାଇଁ ଉଚ୍ଛେଦ ଲାଗି ଦାବି କରିଥିଲେ ସୁଧା କେବଳ ଚେତାବନୀ ଦେଇ ଚୁପ ରହିଛି ତହସିଲ ପ୍ରଶାସନ। ଏପରିକି ଉଠା ଦୋକାନୀ ମାନଙ୍କୁ ଅନ୍ୟତ୍ର ଥଇଥାନ ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ଦୁଇ ଥର ଆର୍ଥିକ ସହାୟତା ଯୋଗାଇ ଦିଆ ଯାଇଥିବା ବେଳେ ସମୟ ଆଳରେ ଫାଙ୍କି ଚାଲିଛନ୍ତି ବ୍ୟବସାୟୀ। ଏଣୁ ସେମାନଙ୍କ ପ୍ରଚ୍ଛଦ ପଟରେ କିଏ ସେମାନଙ୍କୁ ସୁରକ୍ଷା ଦେଉଛି ଓ କାହା ଚାପରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ତାହାକୁ ନେଇ ପ୍ରଶ୍ନ କରିଛନ୍ତି ବୁଦ୍ଧିଜୀବୀ। ଏପଟେ ଗତ ୮ ଦିନ ତଳେ ଉଭୟ ବ୍ଲକ ପ୍ରଶାସନ, ପୁଲିସ ଓ ତହସିଲ ବିଭାଗ ପକ୍ଷରୁ ବଜାର କମିଟି ସଭାପତି ଓ ସମ୍ପାଦକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଉଠା ବ୍ୟବସାୟୀମାନେ ଏକ ସପ୍ତାହ ସମୟ ନେବା ସହ ସେମାନେ ନିଜସ୍ୱ ଖର୍ଚ୍ଚରେ ଦୋକାନ ଭାଙ୍ଗି ଦେବାକୁ ପ୍ରତିଶ୍ରୃତି ଦେଇଥିଲେ। ଯଦି ଏପରି ନହୁଏ ତେବେ ଅଷ୍ଟମ ଦିନରେ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ହେଲେ ସମୟ ସରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିବା କାରଣରୁ ପ୍ରଶାସନ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି ଅନେକ ବୁଦ୍ଧିଜୀବୀ। ଏପରିକି ଉଠାବ୍ୟବସାୟୀମାନେ ନିଜର ସୁରକ୍ଷା ପାଇଁ ସ୍ଥାନୀୟ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରି ଆଉ କିଛି ମାସ ସମୟ ମାଗିଥିବା ଚର୍ଚ୍ଚାର ପରିସରକୁ ଆସିଛି। ଏପରିକି ୫୦ ବ୍ୟବସାୟୀଙ୍କ ସୁରକ୍ଷା ପାଇଁ ଲକ୍ଷାଧିକ ସାଧାରଣ ଲୋକଙ୍କ ଜୀବନକୁ ବାଜିରେ ଲଗା ଯାଉଥିବା ନେଇ ପ୍ରଶ୍ନ ଉଠାଇଛନ୍ତି ବୁଦ୍ଧିଜୀବୀ। ଏନେଇ ତହସିଲଦାର ଆଲୋକ ରଞ୍ଜନ ସେଠି ନିଜର ପତିକ୍ରିୟାରେ କହିଛନ୍ତି ଯେ ସେ ବର୍ତ୍ତମାନ ରଥଯାତ୍ରା ପାଇଁ ପୁରୀରେ କାର୍ଯ୍ୟରତ ଅଛନ୍ତି। ସେ ଆସନ୍ତା ୧୯ ତାରିଖରେ ବାଲିକୁଦା ତହସିଲ କାର୍ଯ୍ୟାଳୟ ରେ ଯୋଗ ଦେବା ପରେ କୌଣସି ପଦକ୍ଷେପ ଗ୍ରହଣ କରିବେ। ଏପରିକି ଉଚ୍ଛେଦ ପାଇଁ ସରକାରୀ ସ୍ତରରେ କିଛି ନିୟମାବଳୀ ଥାଏ ସେ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ କହିଥିଲେ।

# ଡେଙ୍ଗୁ, ମେଲେରିଆ ଓ ଡାଇରିଆ ସଚେତନତା କାର୍ଯ୍ୟକ୍ରମ



**ଜଗତ୍‌ସିଂହପୁର, ୧୨।୭ (ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶତ୍ରୁଘ୍ନ ଦାଶଙ୍କ ଅଧ୍ୟକ୍ଷତାରେ ଡାକ୍ତରଖାନା ପରିସରରେ ଡେଙ୍ଗୁ ମ୍ୟାଲେରିଆ ଓ ଡାଇରିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଜଙ୍ଗ କରତୁଠ ଗ୍ରାମର ଗୋଲେଖ ଜୟସିଂହ, ବିଦ୍ୟାଧର ଷେଣ୍ଟ ପାଇକ ଆଖଡାର ସଭାପତିଙ୍କ ଦ୍ୱାରା ଏକ ଚକୁଳିଆ ପଣ୍ଡା ଅଭିନୟ ମାଧ୍ୟମରେ ଡେଙ୍ଗୁ ମ୍ୟାଲେରିଆ ଓ ଡାଇରିଆ ରୋଗର ପ୍ରତିକାର ଓ ନିରାକରଣ ନିମନ୍ତେ କିଭଳି ପଦକ୍ଷେପମାନ ବ୍ୟକ୍ତିବିଶେଷ ଓ ସାମାଜିକ ସ୍ତରରେ ନେବା ଉଚିତ୍ ସେ ସମ୍ପର୍କରେ ସଚେତନ କରାଇଥିଲେ। ତାଙ୍କୁ ଏହି ଅଭିନୟରେ ସାରଦା ପ୍ରସାଦ ଦାସ ସହଯୋଗ କରିଥିଲେ। ଘର ଚାରିପାଖକୁ ସଫା ରଖିବା ସହ ନଡ଼ିଆ ଖୋଳ, ଭଙ୍ଗା ପ୍ଲାଷ୍ଟିକ୍, ଟାୟାର୍ ଇତ୍ୟାଦିରେ ପାଣି ଜମିବାକୁ ନଦେବାକୁ କହିଥିଲେ। କାରଣ ଏହାଦ୍ୱାରା ଏଡିସ୍ ମଶା ବଂଶ ବିସ୍ତାର କରିଥାଏ। ସେହିପରି ମ୍ୟାଲେରିଆ ମଶା ନିର୍ମଳ ପାଣି ଜମିଥିବା ସ୍ଥାନରେ ବଂଶ ବୃଦ୍ଧି କରିଥାନ୍ତି। ଏ ମଶା ଦିନବେଳେ କାମୁଡ଼େ, ସେହିପରି ବାସୀ ଖାଦ୍ୟ, ମାଛି ବସିଥିବା ଖାଦ୍ୟ ଓ ଅପରିଷ୍କାର ପାଣି ପିଇବା ଦ୍ୱାରା ଡାଇରିଆ ହୋଇଥାଏ। ତେଣୁ ଏଥିପ୍ରତି ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କରିବା ଆମ ସମସ୍ତଙ୍କର ଦାୟିତ୍ୱ ଓ ମଶାରୀ ଟାଙ୍ଗି ଶୋଇବା, ଦିନବେଳେ ସକାଳୁ ଫୁଲ ତୋଳିବାକୁ ଗଲେ ଫୁଲ୍ ଡ୍ରେସ୍ ପରିଧାନ କରିବା ଇତ୍ୟାଦି ବିଷୟରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। ଆଶାଦିଦିମାନେ ଘରକୁ ଘର ଯାଇ ସଚେତନ କରାଉଛନ୍ତି, ତାଙ୍କ କଥା ମାନିବା ଓ କୌଣସି ବ୍ୟକ୍ତି, ପିଲା, ମହିଳା ଜ୍ୱରରେ ପଡ଼ିଲେ ତେବେ ଏଣୁତେଣୁ ଜାଗାରୁ ଔଷଧ କିଣି ନ ଖାଇ ଆଶା କିମ୍ବା ଏଏନ୍‌ଏମ୍ ଦିଦିଙ୍କ ପାଖରେ ରକ୍ତ ପରୀକ୍ଷା କରିନିଅନ୍ତୁ। ଆବଶ୍ୟକ ହେଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ, ଯାହାଦ୍ୱାରା ନିଜେ ସୁସ୍ଥ ରହିବା ସହ ସମସ୍ତଙ୍କୁ ସୁସ୍ଥ ରଖିପାରିବେ ବୋଲି ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡିପିଏମ୍ ଚକ୍ରଧର ଜେନା, ଏଡିପିଏଚ୍‌ସିଓ ସଚଳା ମହାନ୍ତି, ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ, ହସ୍ପିଟାଲ ମ୍ୟାନେଜର୍ ସସ୍ମିତା ସାହୁ, ନର୍ସଂ ଅଫିସର ଓ ହସ୍ପିଟାଲକୁ ଆସିଥିବା ଲୋକମାନେ ଉପସ୍ଥିତ ଥିଲେ।

## ଜବତ ଗାଡ଼ିରୁ ଉତ୍କଟ ଗନ୍ଧ

**ପାଣିକୋଇଲି, ୧୨।୭ (ସମିସ):** ପାଣିକୋଇଲି ଥାନା ଦ୍ୱାରା ଜବତ ଗାଡ଼ିରୁ ବାହାରୁଛି ଉତ୍କଟ ଗନ୍ଧ। ଫଳରେ ରାସ୍ତାରେ ଯାତାୟାତ କରୁଥିବା ଲୋକେ ନୟାନ୍ତ ହେଉଛନ୍ତି। ଏହାକୁ ନେଇ ପାଣିକୋଇଲି ବଜାରରେ ବିଭିନ୍ନ ଚର୍ଚ୍ଚା ହେଉଛି। ରାସ୍ତାର ସମସ୍ତ ପଥଚାରୀ ଓ ଆରୋହୀ ଭୋଗୁଛନ୍ତି କଷ୍ଟ। ଗତ ୩ ତାରିଖ ବିଳମ୍ବିତ ରାତିରେ ଟ୍ରକ ପଛରେ କାର୍ ଧକ୍କା ହୋଇ ଦୁଇଜଣଙ୍କ ମୃତ୍ୟୁ ହୋଇଥିଲା। ପୁଲିସ ଉକ୍ତ ଟ୍ରକ୍‌କୁ ଜବତ କରିଥିଲା। ଉକ୍ତ ଟ୍ରକ୍‌ରେ ମାଛ ଯାଉଥିଲା। ଦୁର୍ଘଟଣା ପରେ ପୁଲିସ ଉକ୍ତ କାର୍ ସହ ଟ୍ରକକୁ ଜବତ କରିଥିଲା। ଅଦ୍ୟାବଧି ଉକ୍ତ ଟ୍ରକର ମାଲିକ ଗାଡ଼ିକୁ ନେଇ ନ ଥିବାରୁ ସେହି ମାଛ ପଚି ଏଭଳି ଦୁର୍ଗନ୍ଧ ବାହାରୁଛି। ଯାହା ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଜବତ ଟ୍ରକ୍‌କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସାଧାରଣରେ ଦାବି ହୋଇଛି।

## ଡିଏଭି ପିପିଏଲ୍ ସ୍କୁଲରେ ଅଳଙ୍କରଣ ସମାରୋହ

**ପାରାଦୀପ, ୧୨।୭ (ସମିସ):** ପାରାଦୀପ ପିପିଏଲ ଡିଏଭି ପବ୍ଲିକ ସ୍କୁଲର ଅଳଙ୍କରଣ ସମାରୋହ ଆଜି କମ୍ୟୁନିଟି ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପିପିଏଲ ସାର କାରଖାନାର ସିଏମ୍‌ଓ ପାଲାମି ସାମୀ ବେଲୁ ସାମୀ, ସି.ଜି. ଏମ ସୁମିତ୍ ସେନାପତି, ଜଗନ୍ନାଥ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ମନ୍ତ୍ରୀ ଶ୍ରୀ ସ୍ୱାଇଁ, ପରିଚାଳନା କମିଟିର ସଦସ୍ୟ ଓ ପିପିଏଲର ବରିଷ୍ଠ ଅଧିକାରୀ ଏବଂ ଇଫକୋ ଡିଏଭିର ଅଧ୍ୟକ୍ଷ ସମ୍ବିତ ସୁକୁମାର ଚିନ୍ନାରା, ପିପିଟି ଡିଏଭିର ଅଧ୍ୟକ୍ଷା ବିନ୍ଦୁଶ୍ରୀ ମହାନ୍ତିଙ୍କୁ ପିପିଏଲ ଡିଏଭିର ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ ସ୍ୱାଗତ କରିବା ସହ ମଞ୍ଚକୁ ପାଛୋଟି ଆଣିଥିଲେ। ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ସହ ପିପିଏଲର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ ନିଜର ଅଭିଭାଷଣରେ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ଡିଏଭି ଓଡ଼ିଆ ମାଧ୍ୟମର ପୁରାତନ ଛାତ୍ର ଭାବରେ ଉଚ୍ଚ ପ୍ରଶଂସା କରି ସ୍ୱାଗତ ଓ ସମ୍ବର୍ଦ୍ଧନା କରିଥିଲେ। ଏହା ପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ତାଙ୍କର ସଫଳତା ପଛରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଭୂମିକା ସମ୍ପର୍କରେ ଅଭିଭାଷଣ ଦେଇଥିଲେ। ଏହି ଉତ୍ସବରେ ଇଂରାଜୀ ମାଧ୍ୟମର ଦଶମ ଓ ଦ୍ୱାଦଶ ଶ୍ରେଣୀରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀ ଓ ଓଡ଼ିଆ ମାଧ୍ୟମର ଦଶମ ଶ୍ରେଣୀରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ସହ ପ୍ରୋତ୍ସାହିତ କରାଯାଇଥିଲା। ସ୍ୱାଗତ ସଙ୍ଗୀତ ଓ ଗଣେଶ ବନ୍ଦନା ନୃତ୍ୟ ପରିବେଷଣ ଏହି କାର୍ଯ୍ୟକ୍ରମଟିକୁ ଚିତ୍ତାକର୍ଷକ କରିଥିଲା। ଏହି କାର୍ଯ୍ୟକ୍ରମରେ ସ୍କୁଲ କ୍ୟାବିନେଟର ନବ ନିର୍ବାଚିତ ସଦସ୍ୟ(ଛାତ୍ରଛାତ୍ରୀ)ମାନଙ୍କୁ ବ୍ୟାଜ୍ ଓ ଶାସ୍ ପ୍ରଦାନ କରାଯାଇଥିଲା। ଏହି ଉପଲକ୍ଷେ ବିଭିନ୍ନ ପଦବୀ ମଣ୍ଡନ କରିଥିବା ବିଦ୍ୟାର୍ଥୀ ମାନେ ବିଦ୍ୟାଳୟର ବିଭିନ୍ନ ଦାୟିତ୍ୱ ନିଷ୍ଠା ଓ ଶୃଙ୍ଖଳା ର ସହ ସମ୍ପାଦନ କରିବାକୁ ଶପଥ ପାଠ କରିଥିଲେ। ଡିଏଭି ବିଦ୍ୟାଳୟ ଓ ପିପିଏଲ ତରଫରୁ ଏ ସମସ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

## ତିର୍ତ୍ତୋଲ ପଞ୍ଚାୟତ ସମିତିରେ ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ

# ବୈଠକ ଡାକିବାକୁ ସରପଞ୍ଚ ସଂଘର ଦାବି

**ଜଗତସିଂହପୁର, ୧୨।୭ (ସମିସ)**




ଦୀର୍ଘ ଏକ ବର୍ଷ ହେବ ତିର୍ତ୍ତୋଲ ପଞ୍ଚାୟତ ସମିତିର ବୈଠକ ଡକାଯାଇ ନଥିବାରୁ, ଏହି ବ୍ଲକ ଅଧିନରେ ଥିବା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଠପ୍ ହୋଇଯାଇଛି। ଯଥାଶୀଘ୍ର ତିର୍ତ୍ତୋଲ ପଞ୍ଚାୟତ ସମିତି ବୈଠକ ଡାକିବାକୁ ସରପଞ୍ଚ ସଂଘ ଦାବି କରିଛି। ସଂଘର ଦାବି ଅନୁସାରେ, ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ, ବିଭିନ୍ନ ପଞ୍ଚାୟତର ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ନିର୍ବାଚନ ଆଚରଣ ବିଧି ଲାଗୁହେବାପରେ ଏଗୁଡିକ ସ୍ଥଗିତ ରହିଥିଲା। ନିର୍ବାଚନ ଶେଷହେବା ପରେ ମଧ୍ୟ କାର୍ଯ୍ୟାଦେଶ ଗୁଡ଼ିକ କାର୍ଯ୍ୟକାରୀ ହୋଇ ନଥିବାରୁ ବିଭିନ୍ନ ହିତାଧିକାରୀ ଓ ସଧାରଣ ଲୋକମାନେ, ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ତେଣୁ ଯଥାଶୀଘ୍ର, ତିର୍ତ୍ତୋଲ ପଞ୍ଚାୟତ ସମିତି ବୈଠକ ଡକାଇ ଏସବୁ ଘଟଣାର ସମାଧାନ ନିମନ୍ତେ ତିର୍ତ୍ତୋଲ ସରପଞ୍ଚ ସଂଘ ସଭାପତି ସଫି ଆଜାମ, ତିର୍ତ୍ତୋଲ ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର, ତେନ୍ତୁଳିପଦା ସରପଞ୍ଚ ସରୋଜିନୀ ପରିଜା, ଜଡତିରା ସରପଞ୍ଚ ଶିବ ପ୍ରସାଦ ସାହୁ, ପିପଳମାଧବ ସରପଞ୍ଚ ଅଶୋକ କୁମାର ନାୟକ ଓ ସରପଞ୍ଚ ସୁଶାନ୍ତ ନାୟକ ପ୍ରମୁଖ ଦାବି କରିଛନ୍ତି। ଏହି ଜନପ୍ରତିନିଧିମାନେ ବିଡ଼ିଓଙ୍କ ସହ୍ ଆଲୋଚନା କରିବା ସହିତ ଏସମ୍ପର୍କରେ ଆଶୁ ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି।

# ବଳଦେବଜୀଉ ମନ୍ଦିର ସିଦ୍ଧଳଠାରେ ହେରାପଞ୍ଚମୀ

**ଜଗତସିଂହପୁର, ୧୨।୭ (ସମିସ):** ବଳଦେବଜୀଉଙ୍କ ପୀଠ ସିଦ୍ଧଳ ଠାରେ ପବିତ୍ର ହେରାପଞ୍ଚମୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ମନ୍ଦିର ସେବାୟତ ଓ ପରିଚାଳନା ଟ୍ରଷ୍ଟର ସଦସ୍ୟମାନେ ବଳଦେବଜୀଉ ମନ୍ଦିରରୁ ମା' ଲକ୍ଷ୍ମୀଙ୍କୁ ସୁସଜ୍ଜିତ ପାଲିଙ୍କିରେ ଏକ ଶୋଭାଯାତ୍ରାରେ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ନେଇଥିଲେ। ସେଠାରେ ମା' ଲକ୍ଷ୍ମୀ ମହାପ୍ରଭୁଙ୍କୁ ଦର୍ଶନ କରି ରାଗରେ ଜର୍ଜରିତ ହୋଇ ରଥ ଭାଙ୍ଗି ପୁନର୍ବାର ବଳଦେବଜୀଉ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ପ୍ରାରମ୍ଭିକ କାର୍ଯ୍ୟ ପରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଏଥିରେ ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନର ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଏହି ଉପଲକ୍ଷେ ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର ପରିଚାଳନା ଟ୍ରଷ୍ଟ ପକ୍ଷରୁ ସମସ୍ତ ଅତିଥିମାନଙ୍କୁ ଉତ୍ତରୀୟ ଓ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ଟ୍ରଷ୍ଟ ସମ୍ପାଦକ ଜ୍ୟୋତି ରଞ୍ଜନ ପରିଡ଼ା, ଲକ୍ଷ୍ମୀ ନାରାୟଣ ସାମନ୍ତରାୟ, ରାମଚନ୍ଦ୍ର ଦାଶ, କାଳିକିଙ୍କର ଆଚାର୍ଯ୍ୟ, ପଣ୍ଡିତ ପ୍ରଫୁଲ୍ଲ କୁମାର ସାହୁ, ସୁରେନ୍ଦ୍ରନାଥ ଦାଶ, ନାରାୟଣ ଦାସ, ଅଭୟ କୁମାର ଦାସ, ତରଙ୍ଗ ସେନ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଡକ୍ଟର ସୁରେନ୍ଦ୍ରନାଥ ତ୍ରିପାଠୀଙ୍କ ଦ୍ୱାରା ପ୍ରକାଶିତ ତ୍ରୟମାସିକ ସାହିତ୍ୟ ପତ୍ରିକା 'ନବକାକଳି'ର ରଥଯାତ୍ରା ବିଶେଷାଙ୍କକୁ ଅତିଥିମାନେ ଉନ୍ମୋଚନ କରିଥିଲେ।



# ରୌପ୍ୟ ପଦକ ବିଜୟୀ ରୋନିତ୍‌ଙ୍କୁ ଜିଲ୍ଲାପାଳଙ୍କ ଶୁଭେଚ୍ଛା

କେନ୍ଦ୍ରାପଡ଼ା, ୧୨।୭(ସମିସ): ଜିଲ୍ଲାର ଉଦୀୟମାନ ପାୱାର ଲିଫ୍‌ଟିଂଗ୍ ତାରକା ରୋନିତ୍ ରୋସନ ସ୍ୱାଇଁଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। ମଧ୍ୟପ୍ରଦେଶର ଉଜ୍ଜୟିନୀଠାରେ ସଦ୍ୟ ସମାପ୍ତ ଜାତୀୟ ପାୱାର୍ ଲିଫ୍‌ଟିଂଗ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେ ପୁରୁଷ ବିଭାଗର ୬୬କେଜି ବର୍ଗରେ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଏହା ସହ ସ୍କ୍ୱାଟ୍‌ରେ ୧୭୦ କିଲୋଗ୍ରାମ୍ ଭାର ଉଠାଇ ସେ ନୂତନ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। କେନ୍ଦ୍ରାପଡ଼ା ବ୍ଲକ ଭରତପୁର ପଞ୍ଚାୟତର ଜଗନ୍ନାଥପୁର ଗ୍ରାମରେ ଜନ୍ମିତ ରୋନିତ୍ ଏବେ ଭୁବନେଶ୍ୱରରେ ରୁଦ୍ରନାରାୟଣ ସାହୁଙ୍କଠାରୁ ପାୱାର୍ ଲିଫ୍‌ଟିଂଗ୍ କୋଚିଂ ନେଉଛନ୍ତି। ପୂର୍ବରୁ ରାଜ୍ୟସ୍ତରୀୟ କ୍ରୀଡାରେ ୪ଥର ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିବା ବେଳେ ୨ଥର ଜାତୀୟସ୍ତରୀୟ ପ୍ରତିଯୋଗିତାରେ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ନେପାଳରେ ଆୟୋଜିତ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ମଧ୍ୟ ସେ ପାଇଛନ୍ତି। ନିଜ ପ୍ରତିକ୍ରିୟାରେ ରୋନିତ୍ କହିଛନ୍ତି ଆଗାମୀ ଦିନରେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପଦକ ଜିତି ସେ କେନ୍ଦ୍ରାପଡ଼ା ପାଇଁ ନିଶ୍ଚୟ ଗୌରବ ଆଣିବେ।




### ଏରସମା ଭଜାଖିଆ ଗାଁରେ ଅନ୍ଧାରୀ ଶାସନ

# ନିର୍ଦ୍ଦିଷ୍ଟ ଦଳକୁ ଭୋଟ୍ ନଦେବାରୁ ୧୨ ପରିବାରକୁ ନିଆଁପାଣି ବାସନ୍ଦ

## ମାନବ ଅଧିକାର କମିଶନଙ୍କୁ ଅଭିଯୋଗ କରିବାରୁ ଗଛରେ ବାନ୍ଧି ନିସ୍ତୁକ ମାଡ଼

## କୋହଳ ଦଫା ଲଗାଇ ଅପରାଧୀଙ୍କୁ ସୁରକ୍ଷା ଦେଉଛି ପୁଲିସ

ଜଗତସିଂହପୁର, ୧୨।୭(ସମିସ)

୨୦୨୪ ସାଧାରଣ ନିର୍ବାଚନ ସରିଥିଲେ ମଧ୍ୟ ଏବେ ବି ଏରସମା ଥାନା ଅନ୍ତର୍ଗତ ଗୋଡା ପଞ୍ଚାୟତର ଭଜାଖିଆ ଗାଁରେ ନିର୍ବାଚନୀ ହିଂସା ଜାରି ରହିଛି। ଗ୍ରାମବାସୀଙ୍କ କଥାରେ ଭୋଟ ଦେବାକୁ ରାଜି ନହେବାରୁ ୧୨ଟି ପରିବାରକୁ ଗାଁରେ ବିଚାର କରାଯାଇ ନିଆଁପାଣି ବାସନ୍ଦ ସହିତ ଗ୍ରାମଦେବତୀଙ୍କୁ ପୂଜା ପାଇଁ କଟକଣା ଜାରି କରାଯାଇଥିଲା। ତେବେ ଏହାକୁ ନେଇ ଗ୍ରାମର ସୌମିତ୍ର ଦାସ ମାନବିକଅଧିକାର କମିଶନଙ୍କ ଦ୍ୱାରସ୍ତ ହେବାପରେ ଗ୍ରାମର ୮ ଜଣ ବ୍ୟକ୍ତି ତାଙ୍କୁ ଟେକିନେଇ ଗଛରେ ବାନ୍ଧି ନିସ୍ତୁକ ମାଡ ମାରିବା ସହିତ ପୋଷାକପତ୍ର ଚିରି ଦେଇଥିଲେ। ଏ ସମ୍ପର୍କରେ ଏରସମା ପୁଲିସ ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରିଥିଲେ ମଧ୍ୟ ସୌମିତ୍ରଙ୍କ ଅଭିଯୋଗରେ ଦଫା କୋହଳ କରି ଖସିବାରେ ପୁଲିସ ସହାୟତା କରିଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ, ଅପରପକ୍ଷ ଦ୍ୱାରା ପ୍ରଭାବିତ ହୋଇ ସେମାନଙ୍କ ମିଛ ଏତଲାକୁ ପୁଲିସ ପଞ୍ଜିକରଣ କରିବା ସହିତ ଆହତଙ୍କ ବିରୋଧରେ ସଂଗୀନ ଦଫା ଲଗାଇଥିବା ସୂଚନା ମିଳିଛି।

ଅଭିଯୋଗ ଅନୁସାରେ, ନିର୍ବାଚନ ସମୟରେ ଭଜାଖିଆ ଗାଁରେ ଏକ ମିଟିଂ କରାଯାଇ ଗ୍ରାମବାସୀମାନେ ସମସ୍ତେ ଏକ ନିର୍ଦ୍ଦିଷ୍ଟ ଦଳର ପ୍ରାର୍ଥୀଙ୍କୁ ଜିତାଇବାକୁ ସଂକଳ୍ପ ନେବାକୁ ଗ୍ରାମର କିଛି ପ୍ରଭାବଶାଳୀ ଲୋକ ଚାପ ପକାଇଥିଲେ। ଏଥିରେ ଗ୍ରାମର ୧୨ଟି ପରିବାର ରାଜି ନହେବା ସହିତ ନିଜ ପସନ୍ଦ ଅନୁସାରେ ଭୋଟ ଦେବାକୁ କହିଥିଲେ। ଉକ୍ତ ପ୍ରଭାବଶାଳୀ ବ୍ୟକ୍ତି ମାନଙ୍କ କଥାରେ ନଯିବାରୁ ସେମାନଙ୍କୁ ଗ୍ରାମ ସଭାରେ ନିଆଁପାଣି ବାସନ୍ଦ କରାଯାଇଥିଲା। ଏହି ଅନ୍ଧାରୀ ଶାସନ ବିରୋଧରେ ଗ୍ରାମର ସୌମିତ୍ର ଦାସ ମାନବିକ ଅଧିକାର କମିଶନ ନିକଟରେ ଅଭିଯୋଗ କରିଥିଲେ।

ଗତ ଜୁଲାଇ ପହିଲାରେ ଏହି ଘଟଣାକୁ ନେଇ, କାହିଁକି ଆମ ବିରୋଧରେ ଅଭିଯୋଗ କଲୁ କହି ଗ୍ରାମର ୮/୧୦ ଜଣ ଲୋକ ସୌମିତ୍ରଙ୍କୁ ବଳପୂର୍ବକ ଉଠାଇ ନେଇ ଗଛରେ ବାନ୍ଧି ନିସ୍ତୁକ ମାଡ ମାରି ସାର୍ଟ ଓ ଲଙ୍ଗି ଚିରି ଦେଇଥିଲେ। ସେହିପରି ଘଟଣାସ୍ଥଳରେ ରଞ୍ଜୁ ସାମନ୍ତ ନାମକ ମହିଳା ପହଞ୍ଚି ଏହି ଅମାନବୀୟ ଦୃଶ୍ୟର ରେକର୍ଡ କରୁଥିବା ସମୟରେ ଆକ୍ରମଣକାରୀମାନେ ତାଙ୍କୁ ମଧ୍ୟ ତଳେ ପକାଇ ମାଡ ମାରିଥିଲେ। ଖବରପାଇ ଏରସମା ପୁଲିସ ସୌମିତ୍ରଙ୍କୁ ଉଦ୍ଧାର କରିବା ପରେ ମେଡିକାଲକୁ ନେଇ ଚିକିତ୍ସା କରିଥିଲା। ଏହାପରେ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୀଡିତଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲେ ମଧ୍ୟ ପୁଲିସ ଜାଣିଶୁଣି ଦଫା କୋହଳ କରିବା ସହିତ ଆକ୍ରମଣକାରୀଙ୍କ ଦ୍ୱାରା ପ୍ରଭାବିତ ହୋଇ ସେମାନଙ୍କ ଘରର ମହିଳାମାନଙ୍କ ମିଥ୍ୟା ଅଭିଯୋଗକୁ ପଞ୍ଜୀକରଣ କରି ପୀଡିତଙ୍କ ବିରୋଧରେ ସଂଗୀନ ଦଫା ଲଗାଇଥିଲେ। ଏ ସମ୍ପର୍କରେ ସୌମିତ୍ର ଜଗତସିଂହପୁର ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିବାବେଳେ ସେ ତଦନ୍ତ ପାଇଁ ଡିଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଆଜି ପର୍ଯ୍ୟନ୍ତ ଡିଏସ୍‌ପି ମଧ୍ୟ ତଦନ୍ତ ପାଇଁ ପହଞ୍ଚିନଥିବା ସୌମିତ୍ର ପ୍ରକାଶ କରିଛନ୍ତି। ସେ ମାଡଖାଇ ଘରେ ପଡ଼ିଥିବା ସମୟରେ ଅପରାଧିମାନେ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଉଥିବା ସେ ପ୍ରକାଶ କରିଛନ୍ତି।

# ପୁନର୍ବାସ ପକ୍ଷରୁ ଚାରା ବଣ୍ଟନ କାର୍ଯ୍ୟକ୍ରମ



କେନ୍ଦ୍ରାପଡ଼ା, ୧୨।୭(ସମିସ): ଜଳବାୟୁ ପରିବର୍ତ୍ତନ ଜନିତ ଆହ୍ୱାନ ସମ୍ପ୍ରତି ପୃଥିବୀର ଅସ୍ତିତ୍ୱ ଓ ଭବିଷ୍ୟତକୁ ନେଇ ଏକ ସଂକଟମୟ ଦୋଛକିରେ ଠିଆ କରାଇ ଦେଇଛି।ସାରା ବିଶ୍ୱ ଏବେ ଆଶଙ୍କାଗ୍ରସ୍ତ।ସବୁଜିମା ହିଁ ଏହାର ଏକମାତ୍ର ସମାଧାନର ମାର୍ଗ। ଏ ଦିଗରେ ଏକ ଅଭିନବ ସଚେତନତା ସୃଷ୍ଟି ନିମନ୍ତେ 'ପୁନର୍ବାସ' ପକ୍ଷରୁ ସମାଜର ବିଭିନ୍ନ ବର୍ଗର ପ୍ରତିନିଧିମାନଙ୍କୁ ଉତ୍କୃଷ୍ଟ କଲମୀ ଆମ୍ବ ଓ ସପେଦା ବୃକ୍ଷ ପ୍ରଭୃତି ଭେଟି ପ୍ରଦାନ କରାଯାଇଛି। ଏହା ବ୍ୟତୀତ ସହରର ବଳଦେବ ହାଇସ୍କୁଲ, ତଳବାରଙ୍ଗ ସ୍କୁଲ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସତ୍ୟସାଇ ଶିକ୍ଷାକେନ୍ଦ୍ର, ମିରପାଟଣା ପ୍ରାଥମିକ ସ୍କୁଲ ପ୍ରଭୃତି ଶିକ୍ଷାନୁଷ୍ଠାନଗୁଡିକରେ ବୃକ୍ଷ ବଣ୍ଟନ ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୃକ୍ଷର ଆବଶ୍ୟକତା ଓ ଉପକାରୀତା ସମ୍ବନ୍ଧରେ ସଚେତନତା ସୃଷ୍ଟି କରାଯାଇଥିଲା। ଯାହା ପଛରେ ଉଦ୍ଦେଶ୍ୟ କ୍ରମଶଃ ଧୂସର ପାଲଟୁଥିବା ପୃଥିବୀକୁ ତା'ର ସବୁଜ ହସ ଫେରାଇବା ପାଇଁ ପ୍ରୟାସ କରିବା। ଏହି ସ୍ୱଳ୍ପ ଅବଧି ମଧ୍ୟରେ ପୁନର୍ବାସ ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ଦୁଇଶହ ଗୋଟି ଉତ୍କୃଷ୍ଟ କଲମୀ ପ୍ରଜାତିର ଆମ୍ବ ଓ ସପେଦା ଗଛକୁ ସଚେତନତାର ସନ୍ଦେଶ ସ୍ୱରୂପ ପ୍ରଦାନ କରାଯାଇଛି। ଅନୁଷ୍ଠାନର ସଭ୍ୟ ନୃସିଂହ ତ୍ରିପାଠୀ, ବଂଶୀଧର ମହାନ୍ତି, ଶିବ ଚରଣ ସାମିଲ ଏବଂ ଷ୍ଟାଫ୍ ସଞ୍ଜୀବ କୁମାର ଜେନା, ଥେରାପିଷ୍ଟ ରଚିତା ଜେନା, ରଞ୍ଜନ ସ୍ୱାଇଁ, ମିହିର ରଞ୍ଜନ ବାରିକ ଓ ବିଜୟ ବିରୁହା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଅରଖିଆ, ବିରିନ୍ଦୋଳ ଓ ମଙ୍ଗରାଜପୁର ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

ମାର୍ଶାଘାଇ, ୧୨।୭(ସମିସ): ମାର୍ଶାଘାଇ ବ୍ଲକ କୁହୁଡି ପଞ୍ଚାୟତ ଅରଖିଆ ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହାକାଳପଡ଼ା ବିଧାୟକ ଡଃ ଦୁର୍ଗା ପ୍ରସନ୍ନ ନାୟକ ଯୋଗଦେଇ ନୂତନ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ପୂର୍ବତନ ସରପଞ୍ଚ ରାଜୀବ କୁମାର ପୃଷ୍ଟିଙ୍କ ପୌରୋହିତ୍ୟରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବିଧାୟକ ଡଃ ଶ୍ରୀ ନାୟକ ଯୋଗଦେଇ ମହାକାଳପଡ଼ା ଓ ମାର୍ଶାଘାଇ ଅଞ୍ଚଳରେ ପାନୀୟଜଳ ସମସ୍ୟା ଦୂର କରିବାକୁ ପ୍ରାଥମିକତା ଦିଆଯାଉଥିବା କହିଛନ୍ତି। ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସମ୍ପାଦକ ବିକ୍ରମ କେଶରୀ ରାଉତରାୟ, ହୃଷିକେଶ ଦାସ, ପାର୍ଥ ମହାପାତ୍ର, ଜ୍ଞାନେନ୍ଦ୍ର ଦାସ ଯନ୍ତ୍ରୀ ରାଜେନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆଖୁଆ ଦକ୍ଷିଣୀ ଗ୍ରାମପଞ୍ଚାୟତର ବିନ୍ଦୋଳ, ମଙ୍ଗରାଜପୁର ପଞ୍ଚାୟତରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ବିଧାୟକ ଶ୍ରୀ ନାୟକଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଛି। ମଙ୍ଗରାଜପୁରେ ଉଦ୍‌ଘାଟନ ଅବସରରେ ବିଧାୟକ ଡଃ ଶ୍ରୀ ନାୟକ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ହର ଘର ଜଳ ଯୋଜନା ଆଜି ସାକାର କରିବାକୁ ପ୍ରୟାସ ଆରମ୍ଭ ହୋଇଥିବା କହିଥିଲେ। ଗ୍ରାମ୍ୟ ଜଳ ଯୋଗାଣ ପ୍ରଶାସନିକ ଅଧିକାରୀ ବସନ୍ତ ନାୟକ, ସହକାରୀ ଯନ୍ତ୍ରୀ ବସନ୍ତସେଠୀ ବ୍ଲକ କନିଷ୍ଠ ଯନ୍ତ୍ରୀ ରାଜେନ୍ଦ୍ର ସିଂ, ସ୍ଥାନୀୟ ବୁଦ୍ଧିଜୀବୀ ବିଭୂତି ଭୂଷଣ ରାଉତ, ମାନସ ରଞ୍ଜନ ଲେଙ୍କା, ନିଗମ ରଥ, ନିଗମ ଦାସ, ଜ୍ଞାନ ରଞ୍ଜନ ବସନ୍ତିଆ, ଗଙ୍ଗାଧର ସାମଲ, ହିରନ୍ୟ ମହାପାତ୍ର, କାହ୍ନୁ ପରିଡ଼ା, ସରୋଜ କାନ୍ତ ସାହୁ, ବିଶ୍ୱରଞ୍ଜନ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।




# ଫୋନ୍‌ରେ ଡାକି ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ରାଜନଗର, ୧୨।୭(ସମିସ): ରାଜନଗର ଥାନା ଅନ୍ତର୍ଗତ ଡେରା ପଞ୍ଚାୟତ ଚିଞ୍ଚିରି ଗ୍ରାମର ପ୍ରହଲ୍ଲାଦ ସ୍ୱାଇଁଙ୍କ ପୁଅ ପ୍ରଶାନ୍ତ ସ୍ୱାଇଁ (୪୦ ବର୍ଷ) ସବୁଦିନ ପରି ୯ ତାରିଖ ରାତିରେ ତାଙ୍କ ଫାର୍ମରେ ଶୋଇଥିଲେ। ରାତି ପ୍ରାୟ ସାଢେ ୧୦ଟା ବେଳେ ଏକ ଅଜଣା ଫୋନ କଲ ପାଇ ପ୍ରଶାନ୍ତ ଗୋପାଳପୁର ଯାଇଥିଲେ। ସେଠାରେ ପହଞ୍ଚିବା କ୍ଷଣି ପୂର୍ବରୁ ପ୍ରସ୍ତୁତ ରହିଥିବା ଦୁର୍ବୃତ୍ତମାନେ ପ୍ରଶାନ୍ତଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣ କରି ରକ୍ତାକ୍ତ ଅବସ୍ଥାରେ ପୋଲତଳେ ତାଙ୍କୁ ଫିଙ୍ଗି ଦେଇ ପଳାଇଥିଲେ। ପରଦିନ ସକାଳେ ଫାର୍ମରୁ ପ୍ରଶାନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ। ୧୧.୧୦ରେ ତାଙ୍କ ସମ୍ପର୍କୀୟ ଫୋନ କରି ପ୍ରଶାନ୍ତ ମୁମୂର୍ଷୁ ଅବସ୍ଥାରେ ଗୋପାଳପୁର ପୋଲ ତଳେ ପଡ଼ିଥିବା ଖବର ଦେଇଥିଲେ। ପରିବାର ଲୋକେ ସେଠାରେ ପହଞ୍ଚି ପ୍ରଶାନ୍ତଙ୍କୁ ଉଦ୍ଧାର କରି ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭର୍ତ୍ତି କରିଥିଲେ। ମାତ୍ର ଅବସ୍ଥା ଗୁରୁତର ଥିବାରୁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ଭର୍ତ୍ତି କରିଥିଲେ। ପ୍ରଶାନ୍ତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହିତ ଗଭୀର କ୍ଷତ ସୃଷ୍ଟି ହୋଇଛି। ଏ ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଛି। ପ୍ରଶାନ୍ତଙ୍କୁ ୯ ତାରିଖ ରାତିରେ କେଉଁ ନମ୍ବରରୁ ଫୋନ ଆସିଥିଲା, ସେ ଫୋନ ନମ୍ବର କାହାର ଏବଂ ଗୋପାଳପୁର ପୋଲ ନିକଟ ବା ଆକ୍ରମଣ ସ୍ଥଳରେ ସେହିଦିନ ରାତିରେ କେଉଁ କେଉଁ ନମ୍ବର ଆକ୍ଟିଭ ଥିଲା, ସେ ଦିଗରେ ତଦନ୍ତ କରାଗଲେ ଅଭିଯୁକ୍ତ ନିକଟରେ ପୁଲିସ ପହଁଞ୍ଚିପାରନ୍ତା ବୋଲି ପରିବାର ଲୋକେ କହିଛନ୍ତି। ଏ ସମ୍ପର୍କରେ ରାଜନଗର ଆଇଆଇସି ଅଜୟ କୁମାର ଜେନାଙ୍କୁ ପଚାରିବାରୁ ଅଭିଯୋଗ ପାଇଛୁ, ତଦନ୍ତ ଜାରି ରହିଛି ବୋଲି କହିଛନ୍ତି।

## ଟ୍ରକ୍ ଚାଳକ କୋର୍ଟ ଚାଲାଣ

ପାଣିକୋଇଲି, ୧୨।୭(ସମିସ): ପାଣିକୋଇଲି ପୁଲିସ ଆଜି ଦୁର୍ଘଟଣା ଘଟାଇଥିବା ଜଣେ ଟ୍ରକ୍ ଚାଳକକୁ ଗିରଫ କରି ଅଦାଲତ ଚାଲାଣ କରିଛି। ଗତ ୮ ତାରିଖ ରାତିରେ ଟ୍ରକ ସହ କାର ଧକ୍କା ହୋଇ ଦୁଇଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଉଭୟ ଗାଡ଼ିକୁ ପୁଲିସ ଜବତ କରିଥିଲା। ତେବେ ଟ୍ରକ ଚାଳକ ଫେରାର ହୋଇଯାଇଥିଲା। ଆଜି ପୁଲିସ ଚାଳକ ବିହାରର କମତାଭର ଗ୍ରାମର କ୍ରିଷ୍ଣଦେଓ ମାଠୋଙ୍କ ପୁଅ ଅନୀଲ କୁମାର ମାଠୋ (୩୬)କୁ ଗିରଫ କରିଛି।

# ବାଲିଘର ତରଫରୁ ଚାରାରୋପଣ

ତିର୍ତ୍ତୋଲ, ୧୨।୭(ସମିସ): ବାଲିଘର ଫାଉଣ୍ଡେସନ ତରଫରୁ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବୋଧେଇ ଗୋପାଳପୁରସ୍ଥିତ ବଟମହାପୁରୁଷ ପୀଠରେ 'ଗଛଟିଏ ଲଗାଅ ପୃଥିବୀକୁ ବଞ୍ଚାଅ' ଶୀର୍ଷକ ଆଲୋଚନାଚକ୍ର ଓ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିଷ୍ଣୁପ୍ରସାଦ କାନୁନ୍‌ଗୋ ଅଧ୍ୟକ୍ଷତା କରିଥିଲେ। ଏଥିରେ ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଅବସରପ୍ରାପ୍ତ ସେନା ଅଧିକାରୀ ସୁରେଶ ଚନ୍ଦ୍ର ଯୋଗଣିଆ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିମାଇଁ ଚରଣ ସ୍ୱାଇଁ, ସମାଜସେବୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ରବୀନ୍ଦ୍ର ମହାନ୍ତି, ମନୋଜ ଖଟୁଆ, ଭୈରବ ଚନ୍ଦ୍ର ଯୋଗଣିଆ ପ୍ରମୁଖ ଯୋଗଦେଇ ବାୟୁମଣ୍ଡଳରେ ଅଙ୍ଗାରକ୍ଳାମ ବାଷ୍ପ ବୃଦ୍ଧି ପାଇବା ଫଳରେ ଜଗତ ପାଇଁ ବିପଦ ସୃଷ୍ଟି କରିଛି। ଏଥିରୁ ରକ୍ଷା ପାଇବାକୁ ହେଲେ ବ୍ୟାପକ ଚାରାରୋପଣ ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଫାଉଣ୍ଡେସନର ତରଫରୁ ସ୍ଥାନୀୟ ଅଞ୍ଚଳର ୮ ଜଣ ବରିଷ୍ଠ ନାଗରିକଙ୍କୁ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇଥିଲା। ପରେ ବଟମହାପୁରୁଷ ପୀଠ ପରିସରରେ ଲିମ୍ବ, ପିଜୁଳି, ଆକାଶିଆ, କର, କଇଁଥ ସମେତ ଅନ୍ୟାନ୍ୟ ଔଷଧୀୟ ଚାରା ରୋପଣ କରାଯାଇଥିଲା। ଏଥିରେ ଆଦିତ୍ୟ ବସ୍ତିଆ, ବଂଶୀଧର ଯୋଗଣିଆ, ପ୍ରଶାନ୍ତ ମଲ୍ଲିକ, କାଞ୍ଚନବାଳା ଓଝା, ଅରୁଣ କୁମାର, ଆଶୁତୋଷ ଯୋଗଣିଆ, ଶରତ ଚନ୍ଦ୍ର ଦାଶ, ସୁନିତ ସ୍ୱାଇଁ, ଝରି ଦାସଙ୍କ ସମେତ ଉଭାଳ, ବୋଧେଇ, ଗୋପାଳପୁର ଆଦି ଗ୍ରାମର ଗ୍ରାମବାସୀ ସହଯୋଗ କରିଥିଲେ।




# ଖୁସି ଆଣିଛି ଖରସ୍ରୋତା; ଫଳିଛି ସୁନାର ଫସଲ

### ନଦୀ ପାର୍ଶ୍ୱରେ ମକା, ବାଜରା ଚାଷ ଦେଖି ଚାଷୀ ଉଲ୍ଲସିତ





ରାଜକନିକା, ୧୨।୭(ସମିସ)

ରାଜକନିକା ବ୍ଲକ ଅନ୍ତର୍ଗତ ଦେଉଳତରା ପଞ୍ଚାୟତ ଖରସ୍ରୋତା ନଦୀକୂଳ ଜମିରେ ଏବେ ଚାଷୀମାନଙ୍କ ପକ୍ଷରୁ ହୋଇଛି ମକା ଆଉ ବାଜରା ଚାଷ। ପ୍ରଥମ ଥର ପାଇଁ ଏହି ଚାଷ ହୋଇଥିବାବେଳେ ସବୁଜ କ୍ଷେତ ଦେଖି ଚାଷୀ ବେଶ୍ ଉଲ୍ଲସିତ। ଆଗକୁ ଅମଳ ଭଲ ହେବ ବୋଲି ଆଶା ରଖିଛନ୍ତି ବରିଷ୍ଠ ଚାଷୀ ଶ୍ରୀନିବାସ ବାରିକ୍। ସୂଚନା ଯୋଗ୍ୟ ଯେ, ଦେଉଳତରା ଗାଁର ପ୍ରାୟ ୧୨ଜଣ ଚାଷୀ ଏକଜୁଟ ହୋଇ ଏଠାରେ ନୂଆ କରି ମକା ଆଉ ବାଜରା ଚାଷ ପାଇଁ ମନ ବଳାଇଥିଲେ। ଏଥିପାଇଁ ରାଜକନିକା କୃଷି ବିଭାଗ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ଏହି ଚାଷକାମ ଆରମ୍ଭ କରିଥିଲେ। ତେବେ ଏଠାରେ ପାରମ୍ପରିକ ଭାବରେ ଧାନ ବିରି ଚାଷ ପିଢ଼ି ପରେ ପିଢ଼ି ହେଉଥିଲେ ବି ମକା, ବାଜରା ଚାଷ ସେମାନଙ୍କ ପାଇଁ ଆହ୍ୱାନ ଥିଲା। ଯାହା ହେଲେ ଏହି ଚାଷ ପ୍ରତି ଅନଭିଜ୍ଞ ଥିବା ଚାଷୀ କିନ୍ତୁ କୃଷି ବିଭାଗର ପ୍ରୋତ୍ସାହନରେ ଚାଷ ଆରମ୍ଭ କରିଛନ୍ତି। ଏଥିପାଇଁ ବିଭାଗ ପକ୍ଷରୁ ଉନ୍ନତ କିସମର ମକା ବିହନ ସୁଗାର-୭୫ ଯୋଗାଇ ଦିଆଯାଇଛି। କୃଷି ବିଭାଗର ଫସଲ ବିବିଧକରଣ ପ୍ରୋଗ୍ରାମ ମାଧ୍ୟମରେ ବ୍ଲକର ନମତରା, ଦେଉଳତରା, ସିହୋପଡ଼ା, ମୁରାଦପୁର, ମିର୍ଜାପୁର, ଉଜାଙ୍ଗ ଗାଁ ଚାଷୀଙ୍କୁ ନେଇ ଦେଉଳତରାଠାରେ ଏହି ଚାଷ କରାଯାଉଛି। ଗତ ମେ' ମାସରେ ଫସଲ ଆରମ୍ଭ ହୋଇ ଅଗଷ୍ଟ ୧୫ ସୁଦ୍ଧା ପ୍ରାୟ ସତୁରି ଦିନରେ ଏହି ଫସଲ ଅମଳ ହେବ ବୋଲି କହିଛନ୍ତି ବିଭାଗୀୟ ଅଧିକାରୀରିଣୀ ଜୋତିର୍ମୟୀ ବେହେରା ଓ ସଂଯୋଜକ ବିମଳ କୁମାର ରାଉତ।

ସେହିଭଳି ବାଜରା ଭଳି ଫସଲ ମଧ୍ୟ ଏଠାରେ କରାଯାଇଛି। ସମୁଦାୟ ୧୪ ଏକର ଜମିରେ ଚାଷ ହୋଇଥିବା ଏହି ଦୁଇ ଫସଲର ଚାଷ ଚାଷୀଙ୍କ ମନୋବଳ ବଢ଼ାଇବା ସହ ଆଗକୁ ଭଲ ଅମଳର ଦେବ ବୋଲି ଜଣାପଡ଼ିଛି। ତେଣୁ ଚାଷୀ ଏଥିପାଇଁ ବେଶ୍ ଖୁସି। ନୂଆ ଚାଷକୁ ଦେଖିବାକୁ ସାଧାରଣ ଲୋକେ ବି ସେଠାରେ ଅଟକି ଯାଉଛନ୍ତି। ଏମିତିକି ଅମଳ ପରେ ମକା ଆଉ ବାଜରାକ ବିକ୍ରି ନେଇ କୃଷି ବିଭାଗ ଦାୟିତ୍ୱ ନେବାର ବ୍ୟବସ୍ଥା କରିବେ ବୋଲି ଚାଷୀ ଶ୍ରୀନିବାସ ବାରିକ୍, ରମେଶ ବାରିକ୍, ଭରତ ପାଣ୍ଡବ, ରାଜୀବ ଲୋଚନ ବାରିକ୍, ଅଭୟ ଦାସ, ହରିଶ୍ଚନ୍ଦ୍ର ମଲିକ, ଗୟାଧର ବାରିକ୍, ରଞ୍ଜନ ଦାସ, ଆଶିଷ ଦାସ, ସୁଶାନ୍ତ ବାରିକ୍, ଶ୍ରୀକାନ୍ତ ବାରିକ୍, ଶୁଭ୍ରାଂଶୁ ପଣ୍ଡା ସୂଚନା ଦେଇଥିଲେ।

■ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ମାମଲା

# ଅଭିଯୁକ୍ତ ଶିକ୍ଷକ ନିଲମ୍ବିତ

ଡେରାବିଶ, ୧୨।୭(ସମିସ): ଡେରାବିଶ ଥାନା ଅଞ୍ଚଳରେ ମଙ୍ଗଳବାର ଜଣେ ପଞ୍ଚମ ଶ୍ରେଣୀ ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ କରାଯାଇଥିବା ନେଇ ଛାତ୍ରୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁ କରିବା ସହ ସେହିଦିନ ରାତିରେ ସମ୍ପୃକ୍ତ ଶିକ୍ଷକ ପ୍ରମୋଦ କୁମାର ରଥଙ୍କୁ ଗିରଫ କରିଥିଲା। ବୁଧବାର ପୀଡିତା ନାବାଳିକାର ଡାକ୍ତରୀ ମାଇନା ସହ ବୟାନ ରେକର୍ଡ କରାଯାଇଥିବାବେଳେ ଅଭିଯୁକ୍ତ ଶିକ୍ଷକଙ୍କ ଡାକ୍ତରୀମାଇନା କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଅଭିଯୁକ୍ତ ପ୍ରମୋଦ ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିବାରୁ ଘଟଣା ସମ୍ପର୍କରେ ଖବର ପାଇ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ଘଟଣାର ତଦନ୍ତ କରିବା ସହ ଥାନାରେ ହୋଇଥିବା ମାମଲା ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ସୂଚନା ପ୍ରଦାନ କରି ସମ୍ପୃକ୍ତ ଶିକ୍ଷକଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ ନାଗଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ଶିକ୍ଷାଧିକାରୀ ବେହେରା ଅଭିଯୁକ୍ତ ଶିକ୍ଷକ ପ୍ରମୋଦଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି।

# ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଚାରାରୋପଣ



ବିରିଡି, ୧୨।୭(ସମିସ): ବିରିଡି ବ୍ଲକ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଶୁକ୍ରବାରଦିନ ଅଢଙ୍ଗ ମଜୁରାଇର ନୀଳକଣ୍ଠ ମନ୍ଦିର ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳି ସାହୁଙ୍କ ନେତୃତ୍ୱରେ ରଶ୍ମିରେଖା ଲେଙ୍କା, ସଙ୍ଘମିତ୍ରା ରାଉଳ, ରିନା ରାଉଳ, ଲିଲି ମୁଦୁଲି, ଅନ୍ନପୂର୍ଣ୍ଣା ଲେଙ୍କା, ପ୍ରଭାସିନୀ ସାହୁ, ମୌସୁମୀ ଜେନା, ଖୋଲଣା ବାରିକ, ନିରୂପମା ପୃଷ୍ଟି, ପ୍ରତିଭା ଲେଙ୍କା, ରେଖାଞ୍ଜଳି ଲେଙ୍କା, ମନାସି ରାଉତ, ସରିତା ଲେଙ୍କା, ରଜତ ଲେଙ୍କା, ବିଭୁ ପ୍ରସାଦ ଦାଶ ପ୍ରମୁଖ ସାମିଲ ହୋଇ ମନ୍ଦିର ପରିସରରେ ବିଭିନ୍ନ ପ୍ରକାରର ଔଷଧୀୟ ଚାରା ରୋପଣ କରିଥିଲେ।

● ଦାନ ଜାଗାର ପଟ୍ଟା ନଥିବାରୁ ଛାତ୍ରଛାତ୍ରୀ ହନ୍ତସନ୍ତ

## ପଟ୍ଟାଦାରଙ୍କ କବ୍‌ଜାରେ ସରକାରୀ ସ୍କୁଲର ୪ କୋଠରୀ

**କିଶୋରନଗର, ୧୨।୭ (ସମିସ):** କିଶୋରନଗର ବ୍ଲକ କଦଳୀମୁଣ୍ଡା ପଞ୍ଚାୟତ ରସାନରୋହିଲା ଉପ୍ରା ସ୍କୁଲର ପଟ୍ଟା ନଥିବାରୁ ଏବେ ସ୍କୁଲର ୪ଟି ଶ୍ରେଣୀ କୋଠରୀ ପଟ୍ଟାଦାରଙ୍କ କବ୍ଜାରେ ରହିଛି। ଯାହାଫଳରେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୮୦ ଜଣ ପିଲା ବଡ଼ ହନ୍ତସନ୍ତ ହୋଇ ସ୍କୁଲର ଅଫିସ ଘରେ ଠେଲାପେଲା ହୋଇ ପାଠପଢିବାକୁ ବାଧ୍ୟ ହେଉଛନ୍ତି। ସୂଚନାଯୋଗ୍ୟ ଯେ, ୧୯୫୯ ମସିହାରେ ସ୍ଥାପିତ ହୋଇଥିବା ଏହି ସ୍କୁଲକୁ ସେହି ଗାଁର ଗୌର ଭୋଇ କିଛିଜାଗା ଦାନ କରିଥିଲେ। ହେଲେ ପଟ୍ଟା କରାଯାଇ ନଥିଲା । ଯାହାକି ଏବେ ଗୌରଙ୍କ ସାନପୁଅ କଳିଙ୍ଗ ଭୋଇ ସ୍କୁଲର ୪ଟି ଶ୍ରେଣୀ କୋଠରୀ ମୋର ବୋଲି କହି ପିଲାମାନଙ୍କୁ ଏହି ଜାଗାରେ ପାଠ ନ ପଢ଼ିବାକୁ ମନା କରିବ ସହ କଣ୍ଟା ଡାଳ ଦେଇ ଦେଇଛନ୍ତି। ଯାହାକି ପିଲାମାନେ କୋଠରୀକୁ ନ ଯାଇ ଅଫିସ ଘରେ ଖୁନ୍ଦା ଖୁନ୍ଦିହୋଇ ପାଠପଢୁଥିବା ଜଣାପଡିଛି। ତୁରନ୍ତ ପ୍ରଶାସନ ଦୃଷ୍ଟି ଦେଇ ଏହାର ଆଶୁ ସମାଧାନ କରିବାକୁ ଦାବି ହେଉଛି।

ମନେରଗାରେ ନିମ୍ନମାନର କାମ

## ୭ ମାସରେ ଭାଙ୍ଗିଗଲା କଂକ୍ରିଟ୍ ଡ୍ରେନ୍

**ହିନ୍ଦୋଳ,୧୨।୭ (ସମିସ)**

ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବ୍ଲକରେ ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି ବଢ଼ିବାରେ ଲାଗିଥିବା ବେଳେ କନିଷ୍ଠ ଯନ୍ତ୍ରୀ ଏବଂ ସହକାରୀ ଯନ୍ତ୍ରୀଙ୍କ ଅବହେଳା ପାଇଁ କଂକ୍ରିଟ ରାସ୍ତା, ଡ୍ରେନ୍ ଗୁଡିକ ୬ରୁ ୭ମାସ ଭିତରେ ଭାଙ୍ଗି ଯାଉଥିବା ଦେଖିବାକୁ ମିଳୁଛି। କନିଷ୍ଠ ଯନ୍ତ୍ରୀ କାର୍ଯ୍ୟସ୍ଥଳରେ ରହୁ ନଥିବା ବେଳେ ସହକାରୀ ଯନ୍ତ୍ରୀ ସଠିକ ଭାବେ କାର୍ଯ୍ୟ ତଦାରଖ କରୁ ନଥିବାରୁ ଠିକାଦାର ନିମ୍ନମାନର କାର୍ଯ୍ୟ କରିବାରେ ସକ୍ଷମ ହେଉଛନ୍ତି। ଫଳରେ ସରକାରଙ୍କ କୋଟି କୋଟି ଟଙ୍କା ପାଣିରେ ପଡୁଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଅସରଡ଼ା ଗ୍ରାମ ପଞ୍ଚାୟତରେ। ଅସରଡ଼ା ଗ୍ରାମପଞ୍ଚାୟତରେ ଶୁଆଖାଇଠାରୁ ବାଲିପଦା ପର୍ଯ୍ୟନ୍ତ ୨୦୨୨-୨୩ ମସିହାରେ ମନରେଗାରେ ଏକ କଂକ୍ରିଟ ଡ୍ରେନ୍ ନିର୍ମାଣ ପାଇଁ ୯ଲକ୍ଷ ୮୮ହଜାର ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକୁ ଠିକାଦାର ନିମ୍ନମାନର କାର୍ଯ୍ୟ କରିବା ଫଳରେ ୭ମାସରେ କଂକ୍ରିଟ୍ ଡ୍ରେନଟି ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ଏହି କଂକ୍ରିଟ ଡ୍ରେନ୍ ଭାଙ୍ଗିବାରେ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଏବଂ ହିନ୍ଦୋଳ ବିଡିଓ ମୁଖ୍ୟତଃ ଦାୟୀ ବୋଲି ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ଏହି କଂକ୍ରିଟ ଡ୍ରେନଟି ପ୍ରଥମତଃ ଜଙ୍ଗଲ କିସମ ଜାଗାରେ ନିର୍ମାଣ ହୋଇଥିଲା। ହିନ୍ଦୋଳ ବିଡିଓ ଏହାକୁ କିପରି କାର୍ଯ୍ୟାଦେଶ ପ୍ରଦାନ କରିଥିଲେ, କନିଷ୍ଠଯନ୍ତ୍ରୀ କିପରି ଠିକାଦାରଙ୍କୁ ଜଙ୍ଗଲ କିସମ ଜାଗାରେ କାର୍ଯ୍ୟକରିବାର ସୁଯୋଗ ଦେଇଥିଲେ, ତାହା ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୦୬/୧୧/୨୩ ତାରିଖରେ ୭ଲକ୍ଷ ୮୮ହଜାର ଟଙ୍କା ବିଲ୍ ହୋଇଥିବା ବେଳେ ଏବେ କଂକ୍ରିଟ ଡ୍ରେନଟି ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



## ଶ୍ରୀ ଗୁଣ୍ଡିଚା ଭଜନ ସମାରୋହର ୬ଷ୍ଠ ସଂଧ୍ୟା




**ଢେଙ୍କାନାଳ, ୧୨।୭ (ସମିସ):** ସ୍ଥାନୀୟ ବାଜିଚୌକସ୍ଥିତ ଶ୍ରୀ ଗୁଣ୍ଡିଚା ଭଜନ ସମାରୋହର ୬ଷଷ୍ଠ ସଂଧ୍ୟାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ମହେଶ ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଭଜନ ସମାରୋହକୁ ଉଦ୍ଘାଟନ କରିଥିଲେ। ଜିଲ୍ଲାର କଳା ସଂସ୍କୃତି ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଶ୍ରୀ ଗୁଣ୍ଡିଚା ଭଜନ ସମାରୋହ ଦୀର୍ଘ ୨୫ ବର୍ଷ ଧରି ଭଜନ ପରିବେଷଣ କରି ଶ୍ରଦ୍ଧାଳୁଙ୍କ ଆକୃଷ୍ଟ କରିଥିବାରୁ କର୍ମକର୍ତ୍ତାଙ୍କୁ ସେ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ସଦାନନ୍ଦ ସେଠୀ, ସମାଜସେବୀ ତଥା ରୋଟାରିଆନ୍ ରାଜକିଶୋର ବେହେରା, ସାମ୍ବାଦିକ ସଦାଶିବ ମହାପାତ୍ର, କମିଟିର ସଭାପତି ରୁଦ୍ରାନ୍ତ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ଷଷ୍ଠ ସଂଧ୍ୟାରେ ସୁର୍ ସାଗର ଭଜନ ସଂଧ୍ୟା ପକ୍ଷରୁ କଣ୍ଠଶିଳ୍ପୀ ରଶ୍ମିରଞ୍ଜନ ପଣ୍ଡା, ସ୍ମରଣିକା ନନ୍ଦ, ସଞ୍ଜିତା ପାତ୍ର, ସୁଶ୍ରୀୟା ପ୍ରମୁଖ ଭଜନ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଘୋଷକ ଭାବେ ସନ୍ତୋଷ କୁମାର ଓ ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ଅବନୀ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

ଅନୁଗୋଳ- ସମ୍ବଲପୁର ୫୫ନଂ ଏନ୍ଏଚ୍‌ରେ ଦୁର୍ଘଟଣା

## ମୋଟର ସାଇକଲ ଚାଳକ ମୃତ

**ଛେଣ୍ଡିପଦା,୧୨।୭ (ସମିସ):** ଅନୁଗୋଳ-ସମ୍ବଲପୁର ୫୫ନଂ ଜାତୀୟ ରାଜପଥ ଜରପଡ଼ା ଥାନା ଜରଡ଼ା ଛକରେ ମୋଟର ସାଇକଲକୁ ଧକ୍କା ଦେଲା ଟ୍ରଲର । ଫଳରେ ମୋଟର ସାଇକଲ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ମୃତକ ଜଣକ ହେଲେ ଗୋପାଳ ପ୍ରସାଦ ଥାନା ଲକେଇପଶି ଗ୍ରାମର ହୃଦାନନ୍ଦ ବାଘ। ଘଟଣାରୁ ପ୍ରକାଶ ଯେ, ହୃଦାନନ୍ଦ ବାଘ ଏକ ମୋଟର ସାଇକଲରେ ଜରଡ଼ା ଗ୍ରାମକୁ ଏକ ବିବାହ କାର୍ଯ୍ୟରେ ଯୋଗଦେବା ପାଇଁ ଆସୁଥିବା ବେଳେ ଜରଡ଼ା ଛକଠାରେ ଅନୁଗୋଳ ଆଡ଼କୁ ଯାଉଥିବା ଏକ ଟ୍ରଲର ତାଙ୍କୁ ଧକ୍କା ଦେଇଥିଲା । ଫଳରେ ହୃଦାନନ୍ଦଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଏନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେବା ସହିତ ସ୍ଥାନୀୟ ଲୋକମାନେ କ୍ଷତିପୂରଣ ଦାବିରେ ଅନୁଗୋଳ ସମ୍ବଲପୁର ୫୫ ନଂ ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ିମଟର ଅଟକି ରହିଛି। ଜରପଡ଼ା ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକମାନଙ୍କୁ ବୁଝାଶୁଝା କରିବା ସହ ରାଜପଥରୁ ଅବରୋଧ ହଟାଇଥିଲା । ଏନେଇ ଜରପଡ଼ା ଥାନାରେ ପୁଲିସ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରିବା ସହିତ ଶବକୁ ଜବତ କରି ଜିଲ୍ଲା ମୁଖ୍ୟ ଚିକତ୍ସାଳୟକୁ ପଠାଇ ଦେଇଥିଲେ। ପୁଲିସ ଦୁର୍ଘଟଣାଗ୍ରସ୍ତ ମୋଟର ସାଇକଲ ଓ ଟ୍ରକକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

## ଏନ୍‌ଟିପିସି ତାଳଚେର ଥର୍ମାଲ ପ୍ରକଳ୍ପର ନୂତନ ମୁଖ୍ୟଙ୍କ ଦାୟିତ୍ୱଗ୍ରହଣ




**ତାଳଚେର,୧୨।୭ (ସମିସ):** ଏନଟିପିସି ତାଳଚେର ଥର୍ମାଲ ପ୍ରକଳ୍ପର ନୂତନ ମୁଖ୍ୟ ଭାବରେ ବିଜୟ ଚାନ୍ଦ ଜୁଲାଇ ୧୦ରୁ ଦାୟିତ୍ୱଗ୍ରହଣ କରିଛନ୍ତି । ଶ୍ରୀ ଚାନ୍ଦଙ୍କ ତିନି ଦଶନ୍ଧି ଧରି ବିଶିଷ୍ଟ କର୍ମମୟ ଜୀବନ ଭିତରେ ବିଦ୍ୟୁତ୍ କ୍ଷେତ୍ରରେ ବ୍ୟାପକ ଅଭିଜ୍ଞତା ରହିଛି। ଜଣେ ମେକାନିକାଲ୍ ଇଞ୍ଜିନିୟରିଂ ସ୍ନାତକ ଭାବେ ଶ୍ରୀ ଚାନ୍ଦ ୧୯୮୯ ମସିହାରେ ଜଣେ ଏକ୍‌ଜିକ୍ୟୁଟିଭ ଟ୍ରେନି ଭାବରେ ଏନଟିପିସି ସହିତ ତାଙ୍କର ଉଲ୍ଲେଖନୀୟ ଯାତ୍ରା ଆରମ୍ଭ କରିଥିଲେ। ବର୍ଷ ବର୍ଷ ଧରି ସେ ଏନଟିପିସିର ବିଭିନ୍ନ ସ୍ଥାନ ଯଥା କାହଲଗାଓଁ, ବଦରପୁର, ମେଜା, ଦର୍ଲିପଲ୍ଲୀ ଏବଂ ନୋଏଡାର ଇଓସିରେ ବିଭିନ୍ନ ପଦପଦବୀରେ ଅବସ୍ଥାପିତ ହୋଇଥିଲେ। ସେ କରିଥିବା ପ୍ରତ୍ୟେକ ଭୂମିକାରେ ନେତୃତ୍ୱ ଏବଂ ନିଷ୍ଠା ଆଦର୍ଶ ପରିଲକ୍ଷିତ ହୋଇପାରିଛି। ବର୍ତ୍ତମାନର ନିଯୁକ୍ତି ପୂର୍ବରୁ ଶ୍ରୀ ଚାନ୍ଦ ଏନଟିପିସି ବଦରପୁର ଠାରେ ପ୍ରୋଜେକ୍ଟର ମୁଖ୍ୟ ଭାବରେ କାର୍ଯ୍ୟ କରିଥିଲେ। ଏନଟିପିସି ତାଳଚେର ଥର୍ମାଲରେ ତାଙ୍କର ନୂତନ ଭୂମିକାରେ ସେ ସମସ୍ତ କାର୍ଯ୍ୟକଳାପର ତଦାରଖ କରିବା ସହ ତାଳଚେର ଥର୍ମାଲରେ ୧୩୨୦ ମେଗାୱାଟ ଷ୍ଟେଜ୍ -୩ ୟୁନିଟ୍ ର ଚାଲିଥିବା ପ୍ରକଳ୍ପ କାର୍ଯ୍ୟ ସହିତ ସମନ୍ୱୟ ରକ୍ଷା କରିବାରେ ଦାୟିତ୍ୱ ଗ୍ରହଣ କରିବେ। ଶ୍ରୀ ଚାନ୍ଦଙ୍କ ନେତୃତ୍ୱରେ ତାଳଚେର ଥର୍ମାଲର ଏହି ପ୍ରକଳ୍ପ ସଫଳତାର ନୂତନ ସୋପାନ ହାସଲ କରିବ ଏବଂ ବିଦ୍ୟୁତ୍ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଦେବ ବୋଲି ଆଶାବ୍ୟକ୍ତ କରାଯାଇଛି। ତାଙ୍କର ଦୃଷ୍ଟିକୋଣ ଏବଂ ପାରଦର୍ଶିତା ପ୍ରକଳ୍ପର ଅଭିବୃଦ୍ଧି, ନବସୃଜନ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତାକୁ ଆଗକୁ ବଢ଼ାଇବ, ଯାହାକି ଭାରତର ପ୍ରଗତିକୁ ଶକ୍ତି ଦେବା ପାଇଁ ଏନଟିପିସିର ପ୍ରତିବଦ୍ଧତାକୁ ଦୃଢ଼ୀଭୂତ କରିବ ।

## ହେରାପଞ୍ଚମୀରେ ତିନି ଦିଅଁଙ୍କୁ ଦର୍ଶନ କଲେ ବିଧାୟକ

**କଣିହାଁ ୧୨।୭ (ସମିସ):** ତାଳଚେର ନିର୍ବାଚନ ମଣ୍ଡଳୀ କଣିହାଁ ବ୍ଲକ ସ୍ଥିତ ଏନଟିପିସି ପ୍ରକଳ୍ପର ଟାଉନସିପ୍ ସଙ୍ଗମ ମାର୍କେଟ କମ୍ପ୍ଲେକ୍ସ ନିକଟସ୍ଥ ମାଉସୀ ମା' ମନ୍ଦିରରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଗୁରୁବାର ସଂଧ୍ୟାରେ ହେରାପଞ୍ଚମୀରେ ତିନି ଦିଅଁଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ। ତାଳଚେରବାସୀଙ୍କ ଉଦ୍ଦେଶ୍ୟରେ ସମସ୍ତ ଜନସାଧାରଣଙ୍କ ପାଇଁ ଠାକୁରଙ୍କ ପାଖରେ ଶୁଭକାମନା କରିଥିଲେ। ଏହି ଅବସରରେ ଆଡ଼ପ ମଣ୍ଡପ ନିକଟ ମାର୍କେଟ କମ୍ପ୍ଲେକ୍ସ ଠାରେ ପ୍ରତ୍ୟେକ ଦିନ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଛି। ହେରାପଞ୍ଚମୀ ସନ୍ଧ୍ୟାରେ ସ୍ୱନାମଧନ୍ୟ ସ୍ୱର୍ଗତ କଣ୍ଠଶିଳ୍ପୀ ଅରବିନ୍ଦ ମୁଦୁଲିଙ୍କ ସୁପୁତ୍ର ଜଗବନ୍ଧୁ ମୁଦୁଲି ପ୍ରଭୁ ଜଗନ୍ନାଥଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଭଜନ ପରିବେଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରକଳ୍ପର ଅଧିକାରୀଙ୍କ ସହ ବିଭିନ୍ନ ଶ୍ରମିକ ସଙ୍ଗଠନର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ଏନଟିପିସିର ମନ୍ଦିର ପରିଚାଳନା କମିଟି ପକ୍ଷରୁ କଣ୍ଠଶିଳ୍ପୀ ଜଗବନ୍ଧୁ ମୁଦୁଲିଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ବିଧାୟକ ଶ୍ରୀ ପ୍ରଧାନ ସମ୍ବର୍ଦ୍ଧିତ କରିଥିଲେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ତାଳଚେର ବିଧାୟକ ଶ୍ରୀ ପ୍ରଧାନଙ୍କୁ ସମ୍ମାନିତ ଅତିଥି ଭାବେ, ଅନ୍ୟତମ ଅତିଥି ଭାବେ କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ,ଏନଟିପିସି



## ରାଜ୍ୟସ୍ତରୀୟ ଓଡ଼ିଆ ପୁସ୍ତକ ଚର୍ଚ୍ଚା

**ବଣ୍ଟଁରପାଳ, ୧୨।୭ (ସମିସ):** ଓଡ଼ିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱର ଏବଂ ଓଡ଼ିଆ ଭାଷା, ସାହିତ୍ୟ ବିଭାଗ ଓ ସ୍ଥାନୀୟ ପାଞ୍ଚଗଡ଼ ସୋମନାଥ ସିଂହ ଜଗଦେବ ସ୍ନାତକ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ‘ ରାଜ୍ୟସ୍ତରୀୟ ଓଡ଼ିଆ ପୁସ୍ତକ ଚର୍ଚ୍ଚା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ଡକ୍ଟର କୁମୁଦ ଚନ୍ଦ୍ର ଦାଶ ଯୋଗଦେଇ ଆଧୁନିକ ଓଡ଼ିଆ କାବ୍ୟଧାରା, ରାଧାମୋହନ ଗଡ଼ନାୟକଙ୍କ କବିତାର ଭାଷା ଏବଂ ଶାନ୍ତନୁ କୁମାର ସର ଗଡ଼ନାୟକଙ୍କ 'ଉତ୍କଳିକା କବିତା' ପୁସ୍ତକର ସମୀକ୍ଷା କରିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନର ଦୁଇ ପରାମର୍ଶଦାତା ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ ଓ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଯଥାକ୍ରମେ ଗଡ଼ନାୟକଙ୍କ ସାହିତ୍ୟ କୃତି ଏବଂ ତାଙ୍କ ବୈଶିଷ୍ଟ୍ୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ପ୍ରାରମ୍ଭିକ ଓ ସମାପାନୀ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ସଭାରେ +୨ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପକ ମନୋଜ କୁମାର ବେହେରା ମଞ୍ଚ ପରିଚାଳନା ଓ ଓଡ଼ିଆ ବିଭାଗ ମୁଖ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସାରସ୍ୱତ ସଭାରେ ଓଡ଼ିଆ ଭାଷା ପ୍ରତିଷ୍ଠାନର କର୍ମଚାରୀ ତଥା ଅନୁଗୋଳ ନିବାସୀ ପ୍ରଶାନ୍ତ କୁମାର ନାୟକ ନିଜ ଜୀବନର ୧୮ ବର୍ଷ କାଳ ଓଡ଼ିଆ ଭାଷା ପାଇଁ ଉତ୍ସର୍ଗୀକୃତ କରିଥିବା ଯୋଗୁଁ ତାଙ୍କୁ ଅନୁଷ୍ଠାନ ପାଖରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ +୩ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ପ୍ରତିନିଧି ଭାବେ ଅଧ୍ୟାପକ ପର୍ଥବୀର ନାୟକ ସହଯୋଗ କରିଥିଲେ। ପରିଶେଷରେ ଅନୁଷ୍ଠାନ ତରଫରୁ ପ୍ରବନ୍ଧ, ବକ୍ତୃତା ଓ ଶୁଦ୍ଧ ଲିଖନ ପ୍ରତିଯୋଗିତା କରାଯାଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।



## ଦେଶରେ ସମାନ ଆଇନ ପ୍ରଣୟନ କରିବାକୁ ଦାବି




**ଢେଙ୍କାନାଳ, ୧୨।୭ (ସମିସ):** ଢେଙ୍କାନାଳ ଜନସଂଖ୍ୟା ଫାଉଣ୍ଡେସନ ତରଫରୁ ଦେଶରେ ଏକକ ନାଗରିକ ଆଇନ (ୟୁସିସି) ପ୍ରଣୟନ କରିବାକୁ ଦାବି କରାଯିବା ସହିତ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଦେଶରେ ଭିନ୍ନ ଭିନ୍ନ ଧର୍ମାଲମ୍ବୀମାନେ ରହିଥିବା ବେଳେ ଅନେକ ଦ୍ୱୈତ ନାଗରିକତ୍ୱ ହାସଲ କରିଛନ୍ତି। ଏଣୁ ସମସ୍ତ ନାଗରିକମାନଙ୍କ ପାଇଁ ସମାନ ଆଇନ ପ୍ରଣୟନ କରିବାକୁ ଦାବି କରାଯାଇଛି। ସେହିପରି ତୃତୀୟ ସନ୍ତାନ ଥିବା ବ୍ୟକ୍ତିକୁ ସରକାରୀ ଚାକିରି ନଦେବା, ତୃତୀୟ ପିଲା ସରକାରୀ ଚାକିରିରେ ଥାଇ ଜନ୍ମନେଲେ ତାଙ୍କୁ ତୁରନ୍ତ ସେବା ନିବୃତ୍ତ କରିବା, ରାସନ ବ୍ୟବସ୍ଥା ବନ୍ଦକରିବା, ନିର୍ବାଚନ ଲଢିବାକୁ ନଦେବା, ଚତୁର୍ଥ ସନ୍ତାନ ହେଲେ ଜେଲଦଣ୍ଡର ବ୍ୟବସ୍ଥା କରିବାକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

## ବଡ଼ଯୋରଡ଼ାରେ ହନୁମାନଙ୍କ ବାର୍ଷିକୋତ୍ସବ

**ତାଳଚେର, ୧୨।୭ (ସମିସ)**

ତାଳଚେର ବ୍ଲକ ଅନ୍ତର୍ଗତ ବଡ଼ଯୋରଡ଼ା ଗ୍ରାମ କଳିଙ୍ଗ କଲୋନୀ ସ୍ଥିତ ହନୁମାନ ବାଟିକା ଠାରେ ବଜରଙ୍ଗବାଲିଙ୍କ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ୧୪ତମ ବାର୍ଷିକ ଉତ୍ସବ ଅବସରରେ ଆଞ୍ଚଳିକ ମନ୍ଦିର କମିଟିର ସଭାପତି ଜବାହର ପ୍ରଧାନ ଓ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠାକାରୀ ବିଦେଶୀ ଦେହୁରୀଙ୍କ ଦ୍ୱାରା ଏକ ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରାତଃ ୬ ଘଟିକା ସମୟରେ ହନୁମାନ ବାଟିକା ପ୍ରାଙ୍ଗଣରେ ପ୍ରଭୁ ହନୁମାନଙ୍କ ଦ୍ୱାର ଫିଟା ନୀତି ସମ୍ପନ୍ନ କରାଯାଇ ସକାଳ ୮. ୩୦ ମିନିଟରେ ମୁଖ୍ୟ ପୂଜକ ରୁଦ୍ରମୋହନ ଦ୍ୱିବେଦୀଙ୍କ ଦ୍ୱାରା ପୂଜା କାର୍ଯ୍ୟ କରାଯାଇ ଠାକୁରଙ୍କୁ ନନ୍ଦିରା, ବଡ଼ଯୋରଡ଼ା ଓ କଳିଙ୍ଗ କଲୋନୀ ସମେତ ଆଖପାଖରେ ନଗର ପରିକ୍ରମା କରାଯାଇଥିଲା। ଉକ୍ତ ନଗର ପରିକ୍ରମାରେ ୨୨ଜଣ ସାଧୁସନ୍ଥ ଯୋଗ ଦେଇଥିବା ବେଳେ ଶହ ଶହ ସଂଖ୍ୟାରେ ଭକ୍ତବୃନ୍ଦ ଠାକୁରଙ୍କୁ ନେଇ ନଗର ପରିକ୍ରମା କରାଇଥିଲେ। ଏଥିପାଇଁ ସ୍ଥାନୀୟ ଅଞ୍ଚଳ ବେଶ ଭକ୍ତିମୟ ହୋଇଉଠିଥିଲା। ତତ୍ପରେ ହନୁମାନ ବାଟିକା ଠାରେ ବିଭିନ୍ନ ପ୍ରକାରର ହୋମଯଜ୍ଞ ଆଦି କରାଯାଇ ପରିଶେଷରେ ପୂର୍ଣ୍ଣାହୁତି ଦେଇ ସମସ୍ତ ପୂଜା କାର୍ଯ୍ୟ ସମାପନା କରାଯାଇଥିଲେ। ହନୁମାନ ବାଟିକାରେ ବିଗ୍ରହ ପ୍ରତିଷ୍ଠାତା ବିଦେଶୀ ଦେହୁରୀଙ୍କ ଉଦ୍ୟମରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥିଲା। ଶ୍ରଦ୍ଧାଳୁମାନଙ୍କ ଲାଗି ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଶହ ଶହ ଶ୍ରଦ୍ଧାଳୁ ହନୁମାନଙ୍କ ବାର୍ଷିକ ଉତ୍ସବରେ ପ୍ରସାଦ ସେବନ କରିଥିଲେ। ପ୍ରକାଶଥାଉ କି, ଶିଳ୍ପନଗରୀ ତାଳଚେର ଅଞ୍ଚଳରେ ହନୁମାନଙ୍କର ଏପରି ଏକ ବାଟିକା ପ୍ରତିଷ୍ଠା ହୋଇଥିବା ବେଳେ ଏଠାକୁ ଦୈନିକ ଅନେକ ଭକ୍ତଙ୍କର ସୁଅ ଛୁଟିଥାଏ ଏବଂ ସଭିଏଁ ବାଟିକାର ଚତୁଃପାର୍ଶ୍ୱରେ ବୁଲି ବେଶ ଆମତୃପ୍ତି ଲାଭ କରିଥାନ୍ତି। ତେବେ ଏହି ହନୁମାନ ବାଟିକାକୁ ଜିଲ୍ଲା ପ୍ରଶାସନ କିମ୍ବା ରାଜ୍ୟ ସରକାର ଏକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କଲେ ଭଲ ହୁଅନ୍ତା ବୋଲି କହିଛନ୍ତି ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠାକାରୀ ବ୍ୟକ୍ତି ବିଦେଶୀ ଦେହୁରୀ।



## ପୂର୍ତ୍ତ ବିଭାଗ ରାସ୍ତା ପାଲଟିଛି ନର୍କକୁଣ୍ଡ



**ତାଳଚେର ସଦର, ୧୨।୭ (ସମିସ):** ତାଳଚେର ବ୍ଲକ ଅନ୍ତର୍ଗତ ଅର୍ଜୁନକଟା ଛକଠାରୁ କଙ୍କିଳି ଗ୍ରାମକୁ ଯାଇଥିବା ପୂର୍ତ୍ତ ବିଭାଗର ମୁଖ୍ୟ ରାସ୍ତା କଡ଼ରେ ଗିରିଗିରିଆ ସାହି ଅବସ୍ଥିତ। ଏହି ବସ୍ତି ସମ୍ମୁଖରେ ଯାଇଥିବା ପିଚ୍ଛୁଡିର ରାସ୍ତା ଆଜି ସାଜିଛି ନର୍କକୁଣ୍ଡ। ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ବ୍ୟବସ୍ଥା ନଥିବାରୁ ଉକ୍ତ ବସ୍ତିବାସିନ୍ଦାଙ୍କ ଘରଗୁଡ଼ିକର ଯାବତୀୟ ପରିତ୍ୟକ୍ତ ଜଳ ଏହି ରାସ୍ତାରେ ସଦାସର୍ବଦା ସୁଅ ଛୁଟିଥିବା ଦେଖିବାକୁ ମିଳିଛି। ଏହି ରାସ୍ତାଟିରେ ଦୁଇଟି ପଞ୍ଚାୟତବାସୀ ଯାତାୟାତ କରିବା ସହିତ ସ୍କୁଲ, କଲେଜ, ବିଭିନ୍ନ ସରକାରୀ, ବେସରକାରୀ କର୍ମଚାରୀ ଦୈନନ୍ଦିନ ଚଳପ୍ରଚଳ କରିଥାନ୍ତି। ଏହି ନର୍ଦ୍ଦମା ଜଳ ଉପରେ ଯାନବାହାନ ଗଲେ ନର୍ଦ୍ଦମା ପାଣିର ଛିଟିକା ବାଟୋଇଙ୍କ ଉପରେ ପଡ଼ିଥାଏ ଏବଂ ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥାଏ। ଏନେଇ ବସ୍ତି ବାସିନ୍ଦା କୁହନ୍ତି, ଡ୍ରେନେଜ ବ୍ୟବସ୍ଥା ନଥିବାରୁ ଆମ ଗୃହର ନିଷ୍କାସନ ପାଣି ଯିବ କୁଆଡ଼େ ବୋଲି ସେମାନେ ଏହା ଲେଉଟା ପ୍ରଶ୍ନ କରିଥାନ୍ତି ଏବଂ ଏହାକୁ ନେଇ ସ୍ଥାନୀୟ ଲୋକପ୍ରତିନିଧି ଓ ପ୍ରଶାସନକୁ ଏହି ସମସ୍ୟା ଉପରେ ଅବଗତ କରାଇଲେ ମଧ କେହି ହେଲେ ଏଥିପ୍ରତି ସାମାନ୍ୟତମ ଦୃଷ୍ଟି ଦେଇନଥାନ୍ତି। ତେବେ ତାଳଚେର ପୂର୍ତ୍ତ ବିଭାଗ ପକ୍ଷରୁ ତୁରନ୍ତ ଏହି ବସ୍ତିବାସିନ୍ଦାଙ୍କ ରାସ୍ତାର ଉଭୟ ପାର୍ଶ୍ୱରେ ତୁରନ୍ତ ଡ୍ରେନ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।

